# ପ୍ରେରଣା ୪

## କୃଷକ ଉତ୍ପାଦକ ସଙ୍ଗଠନର ସ୍ୱଶାସନ ବ୍ୟବସ୍ଥା




cysd Enable-Empower-Include...

apmas


ବାର୍ଷିକ ସାଧାରଣ ପରିଷଦ ସଭା

୪
ମଡ୍ୟୁଲ

# ପ୍ରେରଣା

## କୃଷକ ଉତ୍ପାଦକ ସଙ୍ଗଠନର ସ୍ୱଶାସନ ବ୍ୟବସ୍ଥା

କୃଷକ ଉତ୍ପାଦକ ସଙ୍ଗଠନର
ବୋର୍ଡ ସଭ୍ୟମାନଙ୍କ ନିମନ୍ତେ ଶିକ୍ଷଣ ପେଟିକା




DGRV apmas cysd
Enable-Empower-Include...

# ପ୍ରେରଣା

## କୃଷକ ଉତ୍ପାଦକ ସଙ୍ଗଠନର ସ୍ୱଶାସନ ବ୍ୟବସ୍ଥା

ପ୍ରଥମ ସଂସ୍କରଣ – ଫେବୃୟାରୀ ୨୦୨୧
ମୂଲ୍ୟ – ୧୦୦ ଟଙ୍କା ମାତ୍ର

ପୁନଃ ପ୍ରକାଶନର ଅଧିକାର ସଂରକ୍ଷିତ। ଏହି ପୁସ୍ତିକା ଏପିମାସ୍‌ର ଅନୁମତିରେ ଏପିମାସ୍ ଓ ଡି.ଜି.ଆର୍.ଭି.ର ଲୋଗ ଥାଇ ପୁନଃ ପ୍ରକାଶନ ହୋଇପାରିବ।

ଏହି ବହି ପାଇଁ, ଆପଣ ଏପିମାସ୍ ଅଫିସକୁ ଫୋନ୍ କିମ୍ବା ଇ-ମେଲ୍ ପଠାଇ ଯୋଗାଯୋଗ କରିପାରିବେ।

**ଅନୁବାଦ**

**ସି ୱାଇ ଏସ୍ ଡ଼ି**
ଇ-୧, ଇନଷ୍ଟିଚ୍ୟୁସନାଲ ଏରିଆ, ଗଙ୍ଗାଧର ମେହେର ମାର୍ଗ
ପୋଷ୍ଟ - ଆର.ଆର.ଏଲ୍., ଭୁବନେଶ୍ୱର - ୭୫୧୦୧୩ ଓଡ଼ିଶା
ଫୋନ୍ - ୦୬୭୪ ୨୩୦୦୯୮୩, ୨୩୦୧୭୨୫
ଇ ମେଲ୍ - cysd@cysd.org / info@cysd.org
ୱେବ୍‌ସାଇଟ୍ - www.cysd.org

**ପ୍ରକାଶକ:**

**ମହିଳା ଅଭିବୃଦ୍ଧି ସୋସାଇଟି (ଏପିମାସ୍)**
ପ୍ଲଟ୍ ନଂ - ୧୧ ଏବଂ ୧୨, ହୁଡା କଲୋନି, ଟନେସା ନଗର, ମନିକୋଣ୍ଡା,
ହାଇଦ୍ରାବାଦ - ୫୦୦୦୮୯, ତେଲେଙ୍ଗାନା, ଭାରତ
ଅଫିସ୍ ଫୋନ୍ - ୦୮୪୧୩-୪୦୩୧୧୮/୦୮୪୧୩-୪୦୩୧୨୦
ଇ-ମେଲ୍ ଆଇଡି - info@apmas.org
ୱେବ୍‌ସାଇଟ୍ - www.apmas.org

# କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀ ପାଇଁ ଆତ୍ମ-ଶିକ୍ଷଣ ପେଟିକା କାହିଁକି ?

ଯଦିଓ ଭାରତୀୟ ଚାଷୀ ବା କୃଷକମାନେ ଅନେକଗୁଡ଼ିଏ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି, ତଥାପି ବିଗତ ଦଶନ୍ଧିରେ "କୃଷି" ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲାଭ କରିଛି । ପଲିସି ପ୍ରସ୍ତୁତକାରୀ ଏବଂ କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିଙ୍କ ଦ୍ୱାରା କୃଷକମାନଙ୍କୁ ସେମାନଙ୍କ ସମୂହ ଯଥା; ଚାଷୀ/ କୃଷକ ଉତ୍ପାଦକ ସଂଗଠନଗୁଡ଼ିକ (FPO) କୃଷକମାନଙ୍କ ଉନ୍ନତି ପାଇଁ ସର୍ବାଧିକ ଆନୁଷ୍ଠାନିକ ବ୍ୟବସ୍ଥା ରୂପେ ଗଢ଼ି ଉଠିଛି । ଆସନ୍ତା ୫ ବର୍ଷ ମଧ୍ୟରେ ଭାରତବର୍ଷରେ ଚାଷୀମାନଙ୍କର ଆୟ ଦ୍ୱିଗୁଣିତ କରିବାପାଇଁ କୃଷକମାନଙ୍କର ଉତ୍ପାଦକ ସଂଗଠନ ବିଚାର ଅଦାଲତର ବିନା ସାହାଯ୍ୟରେ ଏକ ରଣନୀତି । ଭାରତବର୍ଷରେ ୫୦୦୦ କୃଷକ ଉତ୍ପାଦକ ସଂଗଠନଗୁଡିକ ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ଗଠନ କରାଯାଇ ସୁଦୃଢ଼ କରାଯାଉଅଛି ଏବଂ ଆହୁରି ଅନେକ କୃଷକ ଉତ୍ପାଦକ ସଂଗଠନ ଗଠନ କରାଯାଉଅଛି । ତେଲୁଗୁ ଭାଷା ବାସୀ ରାଜ୍ୟ ଯଥା; ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାରେ ୭୦୦ କୃଷକ ଉତ୍ପାଦକ ସଂଗଠନ ଅଛି । କୃଷକ ଉତ୍ପାଦକ ସଂଗଠନ ଗଢ଼ିବା ଆନ୍ଦୋଳନ ଏ ପର୍ଯ୍ୟନ୍ତ ଜନ୍ମହୋଇ ବଢୁଥିବା ପର୍ଯ୍ୟାୟରେ ଅଛି ଯାହା ସହିତ ସେଗୁଡିକର ବୋର୍ଡରେ ଥିବା ନିର୍ଦ୍ଦେଶକମଣ୍ଡଳୀ ସେମାନଙ୍କର ପୃଷ୍ଠପୋଷକ ମାନଙ୍କ ଉପରେ ନିର୍ଭର କରୁଛନ୍ତି । ଯେଉଁମାନଙ୍କର ଲକ୍ଷ୍ୟ, ବ୍ୟବସାୟିକ ଚିନ୍ତାଧାରା, ପ୍ରଶିକ୍ଷଣ ଏବଂ ଦକ୍ଷତା ସୀମିତ ଅଟେ କାରଣ ସେମାନଙ୍କ ପାଇଁ ଖୁବ୍ କମ୍ ପ୍ରଶିକ୍ଷଣର ବ୍ୟବସ୍ଥା କରାଯାଇଛି । ଏକ ବଳିଷ୍ଠ, ନିଷ୍ଠାବାନ୍ ଏବଂ ଉପଯୁକ୍ତ ତାଲିମ୍‌ପ୍ରାପ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ ପାଇବା କୃଷକ ଉତ୍ପାଦକ ସଂଗଠନ ପାଇଁ ଏକ କଠିନ ବ୍ୟାପାର । କୃଷକ ଉତ୍ପାଦକ ସଂଗଠନ ଅନ୍ୟ କେତେଗୁଡ଼ିଏ ଆହ୍ୱାନର ସମ୍ମୁଖୀନ ହେଉଛି ଯଥା; ଉତ୍ତମ ସୁଶାସନ, ବ୍ୟବସାୟ ପରିଚାଳନା, ସଫଳ ବ୍ୟବସ୍ଥା ଏବଂ ଅର୍ଥ ଓ ବଜାର ସହିତ ସରକାରୀ ଯୋଜନା ପାଖରେ ପହଞ୍ଚିବା । କୃଷିଜାତ ଦ୍ରବ୍ୟର ମୂଲ୍ୟ ଶୃଙ୍ଖଳ ବିକାଶକୁ ଉତ୍ତମରୂପେ ପ୍ରଭାବିତ କରିବା, କୃଷକ ଉତ୍ପାଦକ ସଂଗଠନ ପାଇଁ ଏକ ଦୁରୁହ ବ୍ୟାପାର ଅଟେ ।

ନିର୍ଦ୍ଦେଶକମଣ୍ଡଳୀମାନଙ୍କର ଦକ୍ଷତା ଓ ସାମର୍ଥ୍ୟ ବୃଦ୍ଧି ହେଉଛି ମୌଳିକ ଏବଂ କୃଷକ ଉତ୍ପାଦକ ସଂଗଠନର ସଫଳତା ଏବଂ ସେମାନେ ବ୍ୟବସାୟିକ ଅନୁଷ୍ଠାନ ରୂପେ ଗଢ଼ି ଉଠିବା ପାଇଁ ସେମାନଙ୍କର କ୍ଷମତା ବୃଦ୍ଧି ସହିତ ସେମାନଙ୍କ ସଭ୍ୟ ଚାଷୀମାନଙ୍କୁ ଆବଶ୍ୟକତା ଅନୁଯାୟୀ ସେବା ଯୋଗାଇ ଚାଷରୁ ଲାଭାଂଶ ବୃଦ୍ଧି କରିବା ପାଇଁ ଏହା ଆନୁସାଙ୍ଗିକ ଭାବରେ ଆବଶ୍ୟକ ହୁଏ । ଲଗାତର ପ୍ରଶିକ୍ଷଣ ଏବଂ କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀ, କର୍ମଚାରୀମାନଙ୍କୁ କୃଷକ ଉତ୍ପାଦକ ସଂଗଠନ ବିକାଶ କେନ୍ଦ୍ର ଜରିଆରେ ପ୍ରାଥମିକତା ଅଟେ ଯାହାକି ଆମ୍ଭେ ଅନେକଗୁଡିଏ କୃଷକ ଉତ୍ପାଦକ ସଂଗଠନ ଗଠନ ଓ ଅନ୍ୟମାନଙ୍କ ଦ୍ୱାରା ଗଠିତ କୃଷକ ଉତ୍ପାଦକ ସଂଗଠନଗୁଡିକୁ ପଥପ୍ରଦର୍ଶନ କାର୍ଯ୍ୟରେ ସଂଶ୍ଲିଷ୍ଟ ଅଛୁ ଏବଂ ସେମାନଙ୍କୁ ଉପଯୁକ୍ତ କୃଷିଜାତ ଦ୍ରବ୍ୟ ମୂଲ୍ୟ ଶୃଙ୍ଖଳ ବିକାଶ ପ୍ରଚେଷ୍ଟା ଗୁଡ଼ିକରେ ସଂଶ୍ଳିଷ୍ଟ ହେବାକୁ ଚେଷ୍ଟା ଜାରି ରଖିଛୁ ।

ପୂର୍ବରୁ ଥିବା କୃଷକ ଉତ୍ପାଦକ ସଂଗଠନ ପାଇଁ ପ୍ରଶିକ୍ଷଣ ପେଟିକା ଓ ପ୍ରଶିକ୍ଷକଙ୍କ ପାଇଁ ସମୀକ୍ଷା କଲାବେଳେ, ଆମ୍ଭେ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀ ନିମନ୍ତେ ଗୁଣାତ୍ମକ, ପ୍ରୟୋଗାତ୍ମକ ଏବଂ ବ୍ୟବହାର ଉପଯୋଗୀ ବା ବ୍ୟବହାରକାରୀଙ୍କ ସାଥୀ ଆତ୍ମ-ଶିକ୍ଷଣ ପେଟିକା ପାଇଲୁ ନାହିଁ । ଆମ୍ଭର ସ୍ୱୟଂ ସହାୟକ ସଂଗଠନ ପାଇଁ ନିଜର ପରିଚାଳନା ଉପରେ ବହୁତ ଦିନର ଅଭିଜ୍ଞତାକୁ ଭିତ୍ତିକରି ଆତ୍ମ-ଶିକ୍ଷଣ ପେଟିକା ପ୍ରସ୍ତୁତି ଏବଂ ୧୮ ବର୍ଷର ସଂଗଠନ ସୁଦୃଢ଼ କରି ବା ତାଲିମ୍‌ର ଅନୁଭୂତିକୁ ପାଥେୟ କରି ଶ୍ରୀ ମଧୁମୂର୍ତ୍ତି

ଏବଂ ଶ୍ରୀମତୀ ରମାଲକ୍ଷ୍ମୀଙ୍କ ନେତୃତ୍ୱରେ ଏପିମାସ୍‌ର ଟିମ୍ ଏକ ବର୍ଷରୁ ଅଧିକ ସମୟ ଧରି ସମ୍ବଳ ଅନୁଷ୍ଠାନ, ସହଭାଗୀ ବେସରକାରୀ ଅନୁଷ୍ଠାନ, ପ୍ରଶିକ୍ଷଣ ଅନୁଷ୍ଠାନ ଏବଂ କୃଷକ ଉତ୍ପାଦକ ସଂଗଠନର ଆବଶ୍ୟକତା ଏବଂ ଗୁରୁତ୍ୱ, ଅନୁଷ୍ଠାନର ଢାଞ୍ଚା, ସଦସ୍ୟତା, ନେତୃତ୍ୱ ଏବଂ ସ୍ୱଶାସନ, ପରିଚାଳନା, ପଞ୍ଜୀକରଣ ଏବଂ ଆଇନ୍‌ଭିତ୍ତିକ ନିୟମ ପାଳନ, ବ୍ୟବସାୟିକ ଯୋଜନା, ଉତ୍ପାଦନ ବୃଦ୍ଧି, ସାମୂହିକ ବଜାର (ସାଧନ ପ୍ରବେଶ ଓ ଫଳାଫଳ ପ୍ରାପ୍ତ), କୃଷିଭିତ୍ତିକ ସେବା କେନ୍ଦ୍ର ପରିଚାଳନା, ଆର୍ଥିକ ଏବଂ ହିସାବ କିତାବର ପରିଚାଳନା ସମ୍ବନ୍ଧିତ ବିଷୟବସ୍ତୁ ଥାଇ କ୍ରମାନ୍ୱୟରେ ୧୨ଟି ସହଜ ଓ ବ୍ୟବହାର-ଯୋଗ୍ୟ ଆତ୍ମ-ଶିକ୍ଷଣ ପେଟିକା ପ୍ରସ୍ତୁତ କରିଛନ୍ତି।

ଯେହେତୁ କୃଷକ ଉତ୍ପାଦକ ସଂଗଠନ ଏକ ଗଣତାନ୍ତ୍ରିକ ସ୍ୱୟଂଚାଳିତ ଚିରସ୍ଥାୟୀ ବ୍ୟବସାୟିକ ଅନୁଷ୍ଠାନ, ତେଣୁ କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀ ଏବଂ କର୍ମକର୍ତ୍ତାଙ୍କ ପାଇଁ ସବୁବେଳେ ଦକ୍ଷତା ବିକାଶର ଆବଶ୍ୟକତା ରହିଛି। ଏହାର ମୁଖ୍ୟ କାରଣ ହେଲା ଏହି ନିର୍ଦ୍ଦେଶକମଣ୍ଡଳୀ ଓ କର୍ମକର୍ତ୍ତା କିଛି ବର୍ଷ ଅନ୍ତରରେ ନିର୍ବାଚନର ସମ୍ମୁଖୀନ ହୁଅନ୍ତି। ଆମ୍ଭେ ନିଶ୍ଚିତ ଯେ, ଏହି ସହଜ ବ୍ୟବହାର ଯୋଗ୍ୟ, ଆତ୍ମ-ଶିକ୍ଷଣ ପେଟିକା କୃଷକ ଉତ୍ପାଦକ ସଂଗଠନକୁ ସୁଦୃଢ଼ କରିବା ଏବଂ ସେମାନଙ୍କ ସଦସ୍ୟମାନଙ୍କୁ ସେବା ଯୋଗାଇବା ପାଇଁ ବ୍ୟବହାର ଉପଯୋଗୀ ହୋଇପାରିବ। କୃଷକ ଉତ୍ପାଦକ ସଂଗଠନର ପୃଷ୍ଠପୋଷକମାନେ କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀଙ୍କୁ ଏହି ଆତ୍ମ-ଶିକ୍ଷଣ ପେଟିକାରୁ ଶିକ୍ଷାପ୍ରାପ୍ତ କରିବା ପାଇଁ ସହାୟତା କରିପାରିବେ। କୃଷକ ଉତ୍ପାଦକ ସଂଗଠନର ପୃଷ୍ଠପୋଷକ ଏବଂ ଅନ୍ୟ ସଂପୃକ୍ତ ବ୍ୟକ୍ତିବିଶେଷ ଏହି କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀଙ୍କ ପାଇଁ ଉଦ୍ଦିଷ୍ଟ ଆତ୍ମ-ଅଧ୍ୟୟନ ପେଟିକାକୁ ବ୍ୟବହାର କରି ଫଳପ୍ରଦ ମାର୍ଗଦର୍ଶନ କରିବା ସହିତ କୃଷକ ଉତ୍ପାଦକ ସଂଗଠନକୁ ଏକ ସ୍ୱୟଂ-ପରିଚାଳିତ ଏବଂ ସୁଦୃଢ଼ ବ୍ୟବସାୟ ଅନୁଷ୍ଠାନ କରି ଗଢ଼ି ତୋଳିପାରିବେ। ଏପିମାସ ଏହି ଆତ୍ମ-ଅଧ୍ୟୟନ ପେଟିକାକୁ ତେଲୁଗୁ, ଇଂରାଜୀ ଓ ଓଡ଼ିଆରେ ପ୍ରକାଶ କରିବାର ଦାୟିତ୍ୱ ନେଇଛି, ଯାହା ଚାହିଦା ଉପରେ ପର୍ଯ୍ୟବେସିତ। ଏହି ପେଟିକା ଉପଯୁକ୍ତ ଭାବରେ ଅନ୍ୟ ଭାରତୀୟ ଭାଷାରେ ସମ୍ବଳ ଅନୁଷ୍ଠାନ, ରାଜ୍ୟ ସରକାର ଓ ନାବାର୍ଡ ଏବଂ ଅନ୍ୟ ପ୍ରଶିକ୍ଷଣ ଅନୁଷ୍ଠାନମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇ ବ୍ୟବହାର କରାଯାଇପାରିବ। ଏପିମାସ୍ ଏହି ପ୍ରଚେଷ୍ଟାକୁ ନିଶ୍ଚିତ ରୂପେ ସହଯୋଗ କରିବ। ଆପଣଙ୍କ ମତାମତ ଅପେକ୍ଷାରେ !

ଧନ୍ୟବାଦ ସହ

ସି.ଏସ୍. ରେଡ୍ଡି

ମୁଖ୍ୟ କାର୍ଯ୍ୟନିର୍ବାହୀ, ଏପିମାସ୍

# କୃତଜ୍ଞତା

ଦେଶର ଶତକଡା ୭୦ଭାଗ ଲୋକ କୃଷି କାର୍ଯ୍ୟରେ ନିୟୋଜିତ ଥିଲେ ମଧ୍ୟ କୃଷକମାନେ କୃଷିଜାତ ଦ୍ରବ୍ୟର ପ୍ରକୃତ ମୂଲ୍ୟ ପାଇବା ଆଜି ଦିନରେ ଏକ ଦୁରୁହ ବ୍ୟାପାର। ଚାଷୀକେନ୍ଦ୍ରିକ କୃଷିକୁ ସୁଚାରୁରୂପେ ଆପଣା ଯାଇପାରିନାହିଁ। ଚାଷଜନିତ ବହୁମୁଖୀ ସମସ୍ୟା ଯୋଗୁ ଚାଷପ୍ରତି ଚାଷୀର ଆଗ୍ରହ କମିବାରେ ଲାଗିଛି। ଖୁସିର ଖବର କୃଷକମାନଙ୍କ ଉନ୍ନତି ପାଇଁ ଏବେ କୃଷକ ଉତ୍ପାଦକ ସଙ୍ଗଠନମାନ ଗଢିଉଠୁଛି। କୃଷିଜାତ ଦ୍ରବ୍ୟର ବିକ୍ରିବଟାକୁ ପ୍ରଭାବିତ କରିବା କୃଷକ ଉତ୍ପାଦକ ସଙ୍ଗଠନର ମୌଳିକ ଦାୟିତ୍ୱ ଅଟେ।

କୃଷକ ଉତ୍ପାଦକ ସଙ୍ଗଠନ ଏକ ଗଣତାନ୍ତ୍ରିକ ସ୍ୱୟଂଚାଳିତ ବ୍ୟବସାୟିକ ସଙ୍ଗଠନ।ଏହି ସଙ୍ଗଠନର ନିର୍ଦ୍ଦେଶକମଣ୍ଡଳୀ ଏବଂ କର୍ମକର୍ତ୍ତାଙ୍କ ପାଇଁ ସର୍ବଦା ଦକ୍ଷତା ବିକାଶର ଆବଶ୍ୟକତା ରହିଛି। ଏହି ୬ଟି ଆତ୍ମ-ଶିକ୍ଷଣ ପେଟିକା କୃଷକ ଉତ୍ପାଦକ ସଙ୍ଗଠନକୁ ସୁଦୃଢ କରିବା ଓ ସେମାନଙ୍କର ସଦସ୍ୟମାନଙ୍କୁ ସେବା ଯୋଗାଇ ଦେବା ପାଇଁ ଉଦ୍ଦିଷ୍ଟ। ଏହି ଆତ୍ମ-ଶିକ୍ଷଣ ପେଟିକାକୁ ବ୍ୟବହାର କରି ଫଳପ୍ରଦ ମାର୍ଗଦର୍ଶନ ସହିତ ଏହା କୃଷକ ଉତ୍ପାଦକ ସଙ୍ଗଠନଗୁଡିକୁ ସ୍ୱୟଂଚାଳିତ ଏବଂ ଦୃଢ ବ୍ୟବସାୟିକ ସଙ୍ଗଠନ ଭାବେ ଗଢି ତୋଳିବାରେ ସାହାଯ୍ୟ କରିବ ବୋଲି ଆମର ଆଶା।

ଏପିମାସ୍ (APMAS)ଦ୍ୱାରା ପ୍ରସ୍ତୁତ ୬ଟି ଶିକ୍ଷଣ ପେଟିକାକୁ ଓଡିଆ ଭାଷାରେ ଅନୁବାଦ କରିବା ପାଇଁ ସୁଯୋଗ ପ୍ରଦାନ କରିଥିବାରୁ ଆମ୍ଭେ ସଙ୍ଗଠନକୁ କୃତଜ୍ଞତା ଜ୍ଞାପନ କରୁଅଛୁ। ଏଥିରେ ଶ୍ରୀମତୀ ଭାରତୀ ମହାପାତ୍ରଙ୍କୁ ଅନୁବାଦ ପାଇଁ ଏବଂ ଶ୍ରୀ ନଗେନ୍ଦ୍ର ଆଚାର୍ଯ୍ୟଙ୍କୁ ସଂଶୋଧନ ପାଇଁ ଧନ୍ୟବାଦ ଜଣାଉଛୁ । ଆଶା, ଏହି ଆତ୍ମ-ଶିକ୍ଷଣ ପେଟିକାଗୁଡିକ କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ନିଶ୍ଚିତରୂପେ ଉପାଦେୟ ହେବ।

cysd
Enable-Empower-Include...

**ଜଗଦାନନ୍ଦ**
ମାର୍ଗଦର୍ଶକ

# ସୂଚୀପତ୍ର


ଶିକ୍ଷଣ ପେଟିକା ବିଷୟରେ ........................................ ୦୭

କଠିନଶବ୍ଦ (ଆକ୍ରୋନିମ୍ସ)........................................ ୦୯

କାର୍ଯ୍ୟକ୍ରମର ପ୍ରାରମ୍ଭିକ ମୂଲ୍ୟାୟନ ........................................ ୧୩

୧. କୃଷକ ଉତ୍ପାଦକ ସଙ୍ଗଠନରେ ଶାସନ ବ୍ୟବସ୍ଥା ଉପକ୍ରମ ଏବଂ ଗୁରୁତ୍ୱ ........................................ ୧୪

୨. ବୋର୍ଡ ସଂପର୍କିତ - ଗଠନ, କାର୍ଯ୍ୟକାଳ ଏବଂ ନିର୍ବାଚନ ........................................ ୧୬

୩. ବୋର୍ଡର ନିର୍ଦ୍ଦେଶକମଣ୍ଡଳୀର ବୈଠକ ପରିଚାଳନା ........................................ ୨୮

୪. ବାର୍ଷିକ ସାଧାରଣ ପରିଷଦ ବୈଠକ ପରିଚାଳନା ........................................ ୩୫

୫. ଆନୁଷ୍ଠାନିକ ବ୍ୟବସ୍ଥା ଏବଂ ନୀତିସମୂହ ........................................ ୪୩

୬. ସ୍ୱଚ୍ଛତା ଏବଂ ଉତ୍ତରଦାୟୀତ୍ୱ ........................................ ୪୯

୭. କୃଷକ ଉତ୍ପାଦକ ସଙ୍ଗଠନରେ ଉତ୍ତମ ଶାସନବ୍ୟବସ୍ଥାର ଅଭ୍ୟାସସମୂହ........................................ ୫୭

କାର୍ଯ୍ୟକ୍ରମର ଶେଷ ମୂଲ୍ୟାୟନ ........................................ ୬୨

# ଶିକ୍ଷଣ ପେଟିକା ବିଷୟରେ

**ବୋର୍ଡର ନିର୍ଦ୍ଦେଶକମଣ୍ଡଳୀଙ୍କ ପାଇଁ ଶିକ୍ଷଣ ପେଟିକା ।**

୧. ଜାଗୃତି - କୃଷକ ଉତ୍ପାଦକ ସଂଗଠନର ପରିଚୟ ଏବଂ ପ୍ରାସଙ୍ଗିକତା

୨. ପରିକଳ୍ପନା – କୃଷକ ଉତ୍ପାଦକ ସଂଗଠନର ଗଠନ ଢାଞ୍ଚା ଏବଂ ରୂପରେଖ

୩. ବିନିମୟ - କୃଷକ ଉତ୍ପାଦକ ସଂଗଠନର ସଦସ୍ୟତା ।

**୪. ପ୍ରେରଣା - କୃଷକ ଉତ୍ପାଦକ ସଂଗଠନର ସ୍ୱଶାସନ**

୫. ସମର୍ଥନ - କୃଷକ ଉତ୍ପାଦକ ସଂଗଠନର ପରିଚାଳନା

୬. ସୁଧର୍ମ - କୃଷକ ଉତ୍ପାଦକ ସଂଗଠନର ଆଇନ୍‌ଭିତ୍ତିକ ନିୟମ ପାଳନ ।

୭. ବ୍ୟବସାୟ ଯୋଜନା

୮. ହିସାବ କିତାବ ଏବଂ ଅର୍ଥ

୯. ଅମଳ ପରର, ଯୋଗାଣ ଶୃଙ୍ଖଳ (ଚେନ୍) ପରିଚାଳନା

୧୦. କିଣାବିକା କରିବା

୧୧. କୃଷି ଉତ୍ପାଦକତା ବୃଦ୍ଧି ପାଇଁ ସେବା

୧୨. ନେତୃତ୍ୱ

ଏହି ପେଟିକା "କୃଷକ ଉତ୍ପାଦକ ସଙ୍ଗଠନର ସ୍ୱଶାସନ"- କୃଷକ ଉତ୍ପାଦକ ସଂଗଠନର ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟଙ୍କ ପାଇଁ ଏହା ଚତୁର୍ଥ ଆତ୍ମ-ଶିକ୍ଷଣ ପେଟିକା । ଏହି ପେଟିକା କୃଷକ ଉତ୍ପାଦକ ସଂଗଠନର ସ୍ୱଶାସନ ବ୍ୟବସ୍ଥା ଉପରେ ପର୍ଯ୍ୟବେସିତ - ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟମାନଙ୍କର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଏହି ମଡ୍ୟୁଲ ବୋର୍ଡର ସଦସ୍ୟମାନଙ୍କୁ ଆବଶ୍ୟକୀୟ କୌଶଳ ବିଷୟରେ ଶିଖିଲା ପରେ ସେମାନେ କୃଷକ ଉତ୍ପାଦକ ସଙ୍ଗଠନକୁ ଉତ୍ତମରୂପେ ପରିଚାଳନା କରିପାରିବେ ।

## ଉଦ୍ଦେଶ୍ୟ

ଏହି ଶିକ୍ଷଣ ପେଟିକାର ଉଦ୍ଦେଶ୍ୟ ହେଲା, କୃଷକ ଉତ୍ପାଦକ ସଂଗଠନର ବୋର୍ଡରେ ଥିବା ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟମାନଙ୍କର ଆବଶ୍ୟକ ବୁଝାମଣା ସୃଷ୍ଟି କରାଇବା ଏବଂ ପ୍ରଶିକ୍ଷଣ ଦେବା ଯାହା ଫଳରେ ସେମାନେ ସେମାନଙ୍କର ଭୂମିକା ଫଳପ୍ରଦ ଭାବେ ନିର୍ବାହ କରିପାରିବେ ଏବଂ ସେମାନଙ୍କ କୃଷକ ଉତ୍ପାଦକ ସଂଗଠନର ନେତୃତ୍ୱ ନେଇ ତାକୁ ସୁଦୃଢ଼ କରାଇ ସେମାନଙ୍କ ସଦସ୍ୟମାନଙ୍କୁ ଉପକୃତ କରାଇପାରିବେ ।

## କେଉଁମାନଙ୍କ ପାଇଁ

ଏହି ଶିକ୍ଷଣ ପେଟିକା ବୋର୍ଡର ନିର୍ଦ୍ଦେଶକମଣ୍ଡଳୀର ସଦସ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ । କୃଷକ ଉତ୍ପାଦକ ସଂଗଠନ ବୋର୍ଡର ନିର୍ଦ୍ଦେଶକ ମଣ୍ଡଳୀ ସଦସ୍ୟମାନଙ୍କର ଅନ୍ତତଃପକ୍ଷେ କୃଷକ ଉତ୍ପାଦକ ସଂଗଠନ ପରିଚାଳନା କରିଥିବାର ୧ ବର୍ଷର ଅନୁଭୂତି ଥିବ ।

## ଶିକ୍ଷଣ ଉଦ୍ଦେଶ୍ୟ

ଏହି କୃଷକ ଉତ୍ପାଦକ ସଙ୍ଗଠନର ସ୍ୱଶାସନ ଉପରେ ଆଧାରିତ ଶିକ୍ଷଣ ପେଟିକାର ନିମ୍ନରେ ଶିକ୍ଷଣ ଉଦ୍ଦେଶ୍ୟଗୁଡ଼ିକ ଦିଆଗଲା ।

- କୃଷକ ଉତ୍ପାଦକ ସଂଗଠନରେ ସ୍ୱଶାସନ ବ୍ୟବସ୍ଥା ଏବଂ ଉତ୍ତମ ଶାସନ ବ୍ୟବସ୍ଥାର କାର୍ଯ୍ୟକାରୀତାର ଗୁରୁତ୍ୱ ବିଷୟରେ ଜାଣିବା
- ବୋର୍ଡ, ବୋର୍ଡର କାର୍ଯାବଳୀ, ବୋର୍ଡ ବୈଠକ ଏବଂ ସାଧାରଣ ବୈଠକ ବିଷୟରେ ଜାଣିବା
- କୃଷକ ଉତ୍ପାଦକ ସଂଗଠନର ବ୍ୟବସ୍ଥା ଏବଂ ନୀତିର ଆବଶ୍ୟକତା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱର ଗୁରୁତ୍ୱକୁ ହୃଦୟଙ୍ଗମ କରିବା ।

## ଢାଞ୍ଚା ଓ ବିଷୟବସ୍ତୁ

ସ୍ୱଶାସନର ମୁଖ୍ୟ କାର୍ଯ୍ୟଗୁଡିକ ପରିଚିତ କରିସାରିବା ପରେ, ପେଟିକାଟି ବୋର୍ଡ- ସେମାନଙ୍କର ଗଠନ କାର୍ଯ୍ୟକାଳ ଏବଂ ନିର୍ବାଚନ ଉପରେ ଆରମ୍ଭ ହେବ । ତା'ପରେ ଏହା କୃଷକ ଉତ୍ପାଦକ ସଙ୍ଗଠନର ବୋର୍ଡର ବୈଠକ ଏବଂ ସାଧାରଣ ସଭା ପରିଚାଳନାର ଗୁରୁତ୍ୱ ଉପରେ ଧ୍ୟାନ ଦେଇଥାଏ । ତା'ପରେ ସାଙ୍ଗଠନିକ ବ୍ୟବସ୍ଥା ଏବଂ ନୀତି, ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱବୋଧତାର ଆବଶ୍ୟକତା ଅନ୍ତର୍ଭୁକ୍ତ । ଶେଷରେ ଏହି ପେଟିକା କୃଷକ ଉତ୍ପାଦକ ସଙ୍ଗଠନର ଉତ୍ତମ ଶାସନ ଅଭ୍ୟାସ ଉପରେ ଧ୍ୟାନ ଦେଇଥାଏ ।

## ଏହାକୁ କିପରି ବ୍ୟବହାର କରିବା

ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟମାନେ ଏହି ଶିକ୍ଷଣ ପେଟିକାକୁ ନିଜେ ନିଜେ ବ୍ୟବହାର କରିପାରିବେ କିମ୍ବା ବାହାରର ସମ୍ବଳ ବ୍ୟକ୍ତି ବା ବିଶେଷଜ୍ଞଙ୍କର ସହାୟତାରେ ଏହି ପେଟିକାରେ ଥିବା ଶିକ୍ଷଣ ପ୍ରକ୍ରିୟାକୁ ଶିଖିପାରିବେ । ଏହି ପେଟିକା ସହିତ କେତେକ ସମ୍ପର୍କିତ ପୋଷ୍ଟର ଅଛି ଯାହାକୁ କି ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟମାନେ ଶିକ୍ଷଣ ପାଇଁ ଉପଯୁକ୍ତ ସ୍ଥାନରେ ଲଗାଇପାରିବେ ।

ଏହି ଶିକ୍ଷଣ ପେଟିକାରେ ଥିବା ଶିକ୍ଷଣକୁ ଉପଭୋଗ କରି ଶିଖିବା । ଆମ୍ଭେ ଆଶାକରୁ ଏବଂ ଆପଣ ନିଜର କୃଷକ ଉତ୍ପାଦକ ସଙ୍ଗଠନକୁ ଅଧିକ ଫଳପ୍ରଦ ଏବଂ କାର୍ଯ୍ୟଦକ୍ଷଭାବେ ପରିଚାଳନା କିମ୍ବା ସ୍ୱଶାସନ କରନ୍ତୁ ।

# କଠିନଶବ୍ଦ (ଆକ୍ରୋନିମ୍‌ସ)

**ଆର୍ଟିକିଲସ୍ ଅଫ ଆସୋସିଏସନ୍ (Articles of Associations)** : ଏକ ସମବାୟ ସମିତି/ସମବାୟ ବାଇ-ଲ ଯାହା, ଉତ୍ପାଦକ କମ୍ପାନୀ ପାଇଁ ଆର୍ଟିକିଲ୍‌ସ୍ ଅଫ୍ ଆସୋସିଏସନ୍ ତାହା। ଆର୍ଟିକିଲସ ଅଫ ଆସୋସିଏସନ ସ୍ୱତନ୍ତ୍ର ଭାବରେ କମ୍ପାନୀର କାର୍ଯ୍ୟକାରିତା ପାଇଁ ନୀତିନିୟମ ଏବଂ କମ୍ପାନୀର ଉଦ୍ଦେଶ୍ୟ ଏବଂ ଏହି ଉଦ୍ଦେଶ୍ୟ ହାସଲ ପାଇଁ କ'ଣ ପଦ୍ଧତି ଓ ମାର୍ଗ ଅବଲମ୍ବନ କରିବାକୁ ପଡିବ ସେଥିରେ ଉଲ୍ଲେଖଥାଏ।

କମ୍ପାନୀର ବୋର୍ଡକୁ ଆର୍ଟିକିଲ୍‌ସ ଅଫ୍ ଆସୋସିଏସନ୍‌କୁ ପ୍ରସ୍ତୁତ କରିବାକୁ ପଡିବ ଏବଂ କମ୍ପାନୀମାନଙ୍କର ରେଜିଷ୍ଟ୍ରାର୍‌ଙ୍କ ଠାରୁ ତାହାର ସ୍ୱୀକୃତି ଲାଭ କରିବାକୁ ପଡିବ। ଏଥିରେ କିଛି ସଂଶୋଧନ କରିବାକୁ ହେଲେ ତାହାକୁ ସାଧାରଣ ପରିଷଦ ବୈଠକରେ କରିବାକୁ ପଡିବ ଏବଂ ପୁନର୍ବାର କମ୍ପାନୀମାନଙ୍କର ରେଜିଷ୍ଟ୍ରାରଙ୍କଠାରୁ ସ୍ୱୀକୃତି ଲାଭ କରିବାକୁ ପଡ଼ିବ।

**ବାର୍ଷିକ ସାଧାରଣ ସଭା** : ବାର୍ଷିକ ସାଧାରଣ ସଭା ହେଉଛି ଏକ କୃଷକ ଉତ୍ପାଦକ ସଙ୍ଗଠନର ସାଧାରଣ ସଂସ୍ଥାର ବାର୍ଷିକ ବୈଠକ। ଅଡିଟ୍ ହୋଇଥିବା ଆର୍ଥିକ ବିବରଣୀ, ବାର୍ଷିକ ଯୋଜନା, ପୁଞ୍ଜି ବିନିଯୋଗ ଏବଂ ଅର୍ଥବୃଦ୍ଧି, ଅଡିଟର ନିଯୁକ୍ତି, ବୋର୍ଡର ନିର୍ବାଚନ ଇତ୍ୟାଦି କୃଷକ ଉତ୍ପାଦକ ସଙ୍ଗଠନର ପ୍ରମୁଖ ନୀତିଗତ ନିଷ୍ପତ୍ତି ନେବାକୁ ବାର୍ଷିକ ସାଧାରଣ ସଭା ପରିଚାଳିତ ହୁଏ।

**ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ** : ବୋର୍ଡ ହେଉଛି କୃଷକ ଉତ୍ପାଦକ ସଂଗଠନର ପରିଚାଳନା ପରିଷଦ ଦ୍ୱାରା ନୀତି ସ୍ତରୀୟ ନିଷ୍ପତ୍ତି ଏବଂ ଏହା ସୁନିଶ୍ଚିତ କରାଏ ଯେ, କୃଷକ ଉତ୍ପାଦକ ସଂଗଠନ ଏହାର ସଦସ୍ୟମାନଙ୍କ ପାଇଁ କାମ କରେ। କୃଷକ ଉତ୍ପାଦକ ସଂଗଠନ ବୋର୍ଡ, ସାଧାରଣ ପରିଷଦ ଦ୍ୱାରା ନିର୍ବାଚିତ ପ୍ରତିନିଧି ଯଥା; କୃଷକ ଉତ୍ପାଦକ ସଂଗଠନର ସଦସ୍ୟମାନଙ୍କ ଦ୍ୱାରା ଗଠିତ ହୋଇଥାଏ।

**"ବାଇ-ଲ"** : "ଉପବିଧି" ହେଉଛି, ସମବାୟ ସମିତିକୁ ପରିଚାଳନା କରିବାର ବ୍ୟବସ୍ଥା। ପ୍ରତ୍ୟେକ ସମବାୟ ସମିତିର ସେମାନଙ୍କର ନିଜର "ଉପବିଧି" ଅଛି ଏବଂ ସେମାନଙ୍କର ସବୁ କାର୍ଯ୍ୟ ସେହି "ଉପବିଧି" ଭିତରେ ହିଁ କାର୍ଯ୍ୟକାରୀ ହୋଇଥାଏ।

ବୋର୍ଡ ଏହି "ଉପବିଧି"କୁ ପ୍ରସ୍ତୁତ କରିଥାଏ ଏବଂ ତାହା ସମବାୟ ସମିତିର ନିବନ୍ଧକଙ୍କଦ୍ୱାରା ସ୍ୱୀକୃତି ଲାଭ କରିବା ଉଚିତ୍। ପରବର୍ତ୍ତୀ ସମୟରେ ଏହି "ଉପବିଧି"ରେ କିଛି ସଂଶୋଧନ କରାଗଲେ, ତାହା କେବଳ ସାଧାରଣ ପରିଷଦ ଦ୍ୱାରା

ହିଁ ସଂଶୋଧିତ ହୋଇଥାଏ ଏବଂ ତାହା ସମବାୟ ସମିତିର ନିବନ୍ଧକଙ୍କ ଦ୍ୱାରା ସ୍ୱୀକୃତି ଲାଭ କରିବା ଆବଶ୍ୟକ ଅଟେ ।

**ବୋର୍ଡର ସଭା** : କୃଷକ ଉତ୍ପାଦକ ସଂଗଠନ ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ଯେଉଁ ସଭା କରିଥାଆନ୍ତି ତାକୁ ବୋର୍ଡର ସଭା ବୋଲି କୁହାଯାଇଥାଏ । କୃଷକ ଉତ୍ପାଦକ ସଂଗଠନର ଉପବିଧି / ସଂଗଠନର ଆର୍ଟିକିଲ୍ସ ଅଫ୍ ଆସୋସିଏସନ ସ୍ୱତନ୍ତ୍ର ଭାବେ ଏହି ସଭା କେତେ ଥର କରାଯିବ, ସେ ବିଷୟରେ ନିର୍ଦ୍ଦିଷ୍ଟ କରିବ । ଯାହା ହେଉନା କାହିଁକି, ବୋର୍ଡ ମାସକୁ ଥରେ ସଭା କରିବା ଉଚିତ, ଯାହା ଏକ ଉତ୍ତମ ବ୍ୟବସ୍ଥା ଅଟେ ।

**କୋଅପରେଟିଭ ସୋସାଇଟି** : ଏକ କୃଷକ ଉତ୍ପାଦକ ସଂଗଠନ ଯାହାକି (ଯଥା; ଓଡ଼ିଶାରେ ଥିବା କୋଅପରେଟିଭ ସୋସାଇଟି ଆକ୍ଟ, ୧୯୬୨) ଅନୁବନ୍ଧିତ ହୋଇଛି, ତାହା ଏକ ସମବାୟ ସମିତି ବୋଲି ଆମ୍ଭେ କହିବା ।

**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ/ପରିଚାଳକ/ ସାଧରଣ ପରିଚାଳକ** : ପ୍ରତ୍ୟେକ କୃଷକ ଉତ୍ପାଦକ ସଂଗଠନ ଜଣେ ପୂର୍ଣ୍ଣ ସମୟ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (CEO) କିମ୍ବା ଯେ କୌଣସି ପଦବୀରେ ଯେପରିକି ପରିଚାଳକ (Manager), ସାଧାରଣ ପରିଚାଳକ (General Manager) ଇତ୍ୟାଦି ବୋଲି କହିପାରିବା, ସେଭଳି ଜଣେ ଆବଶ୍ୟକ କରିବେ । ବୋର୍ଡର ନିୟନ୍ତ୍ରଣରେ, ନିର୍ଦ୍ଦେଶରେ, ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କୃଷକ ଉତ୍ପାଦକ ସଂଗଠନର କାର୍ଯ୍ୟକ୍ରମକୁ ପରିଚାଳନା କରିବେ ଏବଂ କୃଷକ ଉତ୍ପାଦକ ସଂଠଗନ କାର୍ଯ୍ୟକାରୀତା ପାଇଁ ଉତ୍ତରଦାୟୀ ରହିବେ ।

**କୃଷକ ଉତ୍ପାଦକ ସଂଗଠନ** : ଏକ କୃଷକ ଉତ୍ପାଦକ ସଂଗଠନ (FPO) ହେଉଛି ପଞ୍ଜିକୃତ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଯାହା କୃଷକ ସଦସ୍ୟମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ଓ ସେମାନେ ଏହାର ସତ୍ତ୍ୱାଧିକାରୀ ଅଟନ୍ତି । ଚାଷୀ ଉତ୍ପାଦକ ସଂଗଠନର ମୂଳ ଉଦ୍ଦେଶ୍ୟ ହେଲା ଏହାର ସଦସ୍ୟମାନଙ୍କୁ ଆବଶ୍ୟକ କରୁଥିବା ସେବା ଯୋଗାଇ ସଦସ୍ୟମାନଙ୍କର ସାଧାରଣ ଆବଶ୍ୟକତାକୁ ପୂରଣ କରୁଥିବ । କୃଷି ଏବଂ ଆନୁସାଙ୍ଗିକ ବିଷୟଭିତ୍ତିକ ବିଭିନ୍ନ କାର୍ଯ୍ୟକ୍ରମରେ କୃଷକ ଉତ୍ପାଦକ ସଂଗଠନଗୁଡିକ ସଂଶ୍ଳିଷ୍ଟ ରୁହନ୍ତି । କୃଷକ ଉତ୍ପାଦକ ସଂଗଠନଗୁଡିକ ଆନୁଷ୍ଠାନିକ ସଂଗଠନ ହୋଇଥିବାରୁ, ସେମାନେ ସେମାନଙ୍କର ଅଫିସ୍/ଅନ୍ୟାନ୍ୟ ଭିତ୍ତିଭୂମି, କର୍ମଚାରୀ, ବ୍ୟବସ୍ଥା ଥାଇ ବୋର୍ଡର ନିର୍ଦ୍ଦେଶକମଣ୍ଡଳୀଙ୍କ ଦ୍ୱାରା ପରିଚାଳିତ ହୋଇଥାନ୍ତି ।

**ସାଧାରଣ ପରିଷଦ** : କୃଷକ ଉତ୍ପାଦକ ସଙ୍ଗଠନର ସମସ୍ତ ସଦସ୍ୟଙ୍କୁ ସେହି କୃଷକ ଉତ୍ପାଦକ ସଙ୍ଗଠନର ଜେନେରାଲ ବଡି ବା ସାଧାରଣ ପରିଷଦ ବୋଲି କୁହାଯାଏ । ଜେନେରାଲ୍ ବଡି ହେଉଛି କୃଷକ ଉତ୍ପାଦକ ସଙ୍ଗଠନର ସର୍ବୋଚ୍ଚ କର୍ତ୍ତୃପକ୍ଷ ଅଟନ୍ତି ।

| | | |
|---|---|---|
| **ସାଧାରଣ ପରିଷଦ ବୈଠକ** | : | କୃଷକ ଉତ୍ପାଦକ ସଙ୍ଗଠନର ଏହା ଏକ ସାଧାରଣ ବୈଠକ । |
| **ସ୍ୱଶାସନ** | : | ଶାସନ ବ୍ୟବସ୍ଥାରେ ଆବଶ୍ୟକୀୟ ନୀତି ଏବଂ ଆଦର୍ଶ ପ୍ରତିଷ୍ଠା ଏବଂ ସଙ୍ଗଠନରେ ବ୍ୟବସ୍ଥା, କର୍ମଚାରୀ ଇତ୍ୟାଦିର ବ୍ୟବସ୍ଥା ଦ୍ୱାରା ସେମାନଙ୍କର ସଠିକ୍ କାର୍ଯ୍ୟକାରୀତାକୁ ବୁଝାଏ । ଶାସନ ମଧ୍ୟ ଆଇନର ନିୟମ ପାଳନ କରିବା ଏବଂ ସମ୍ପୃକ୍ତ ହିତାଧିକାରୀଙ୍କ ନିକଟରେ ଉତ୍ତରଦାୟିତ୍ୱ କରେ । |
| **ସ୍ୱାଧୀନ/ପ୍ରତିଭାସମ୍ପନ୍ନ ନିର୍ଦ୍ଦେଶକ** | : | ଉତ୍ପାଦକ କମ୍ପାନୀ ବୋର୍ଡରେ ସ୍ୱାଧୀନ/ ପ୍ରତିଭାସମ୍ପନ୍ନ ନିର୍ଦ୍ଦେଶକ ଥିବା ନିର୍ଦ୍ଦେଶକଙ୍କ ପାଇଁ କମ୍ପାନୀ ଅଧିନିୟମ ୨୦୧୩ ପ୍ରଦାନ କରାଯାଇଛି । ଅଧିନିୟମ ଅନୁଯାୟୀ, ବୋର୍ଡ ସମୁଦାୟ ନିର୍ଦ୍ଦେଶକଙ୍କ ସଂଖ୍ୟାର ଏକ ପଞ୍ଚମାଂଶରୁ ଅଧିକ ନଥିବା ବିଶେଷଜ୍ଞ ନିର୍ଦ୍ଦେଶକମାନଙ୍କୁ ସହ-ଚୟନ କରିପାରନ୍ତି । |
| **ସଭ୍ୟ** | : | "ସଭ୍ୟ" ଅର୍ଥାତ୍ ଜଣେ କୃଷକ ଉତ୍ପାଦକ ସଙ୍ଗଠନର ସଦସ୍ୟ ଭାବରେ ସ୍ୱୀକୃତିପ୍ରାପ୍ତ ବ୍ୟକ୍ତି କିମ୍ବା ଉତ୍ପାଦକ ସଙ୍ଗଠନ ଏବଂ ଯିଏ କ୍ରମାଗତ ଭାବରେ ଆବଶ୍ୟକ ଯୋଗ୍ୟତା ବଜାୟ ରଖେ । କୃଷକ ଉତ୍ପାଦକ ସଙ୍ଗଠନରେ, କେବଳ କାର୍ଯ୍ୟକ୍ଷମ କୃଷକ କିମ୍ବା ଉତ୍ପାଦକ ଅନୁଷ୍ଠାନଗୁଡିକ ସେମାନଙ୍କର କାର୍ଯ୍ୟକ୍ଷମ କ୍ଷେତ୍ରରେ (ସେମାନଙ୍କର ବାଇ-ଲ ଅନୁଯାୟୀ) ସଦସ୍ୟ ହୋଇପାରିବେ । |
| **MIS ବା ପରିଚାଳନା ସୂଚନା ପ୍ରଣାଳୀ** | : | ଏହା ନିଷ୍ପତ୍ତି ନେବା ପାଇଁ ବ୍ୟବହୃତ ହୁଏ ଏବଂ ଏକ ସଂସ୍ଥାର ସୂଚନାର ସମନ୍ୱୟ, ନିୟନ୍ତ୍ରଣ, ବିଶ୍ଳେଷଣ ଏବଂ ଦୂରଦୃଷ୍ଟି ପାଇଁ ବ୍ୟବହାର ହୁଏ । |
| **ଅଫିସ୍ କାର୍ଯ୍ୟକର୍ତ୍ତା** | : | ନିର୍ଦ୍ଦିଷ୍ଟ ଦାୟିତ୍ୱର ତଦାରଖ କରିବା ପାଇଁ ଅଫିସ୍ ଧାରକମାନେ ବୋର୍ଡ ଦ୍ୱାରା ମନୋନୀତ ହୁଅନ୍ତି ।  ସେମାନେ ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ଇତ୍ୟାଦି । |
| **ଉତ୍ପାଦକ କମ୍ପାନୀ (Producer Company)** | : | ଏକ କୃଷକ ଉତ୍ପାଦକ ସଂଗଠନ ଯାହାକି, କମ୍ପାନୀ ଆଇନ୍ (Companies Act) ୨୦୧୩ ଅଧିନରେ ପଞ୍ଜିକୃତ ବା ସ୍ୱୀକୃତି ଲାଭ କରିଛି, ତାହାକୁ ଆମେ ଏକ ଉତ୍ପାଦକ କମ୍ପାନୀ ବୋଲି କହିଥାଉ । ଉତ୍ପାଦକ କମ୍ପାନୀ ଅର୍ଥ ଏକ ବଡି ଅଫ୍ କର୍ପୋରେଟ୍ (Body of Corporate) ଯାହାର କି ଉଦ୍ଦେଶ୍ୟ ଏବଂ କାର୍ଯ୍ୟକ୍ରମ ସେକ୍ସନ ୫୮୧(ବି) (Section – 581 (B) ରେ ନିର୍ଦ୍ଧାରିତ ହୋଇଥାଏ ଏବଂ କମ୍ପାନିଜ ଆକ୍ଟ (Companies Act) ରେ ଉତ୍ପାଦକ କମ୍ପାନୀ ହିସାବରେ ପଞ୍ଜିକୃତ ହୋଇଥାଏ । |
| **କୋରମ୍** | : | ଗୋଟିଏ ବୈଠକର ପରିଚାଳନା ଏବଂ ନିଷ୍ପତ୍ତି  ପାଇଁ  ସର୍ବନିମ୍ନ ବ୍ୟକ୍ତିଙ୍କର ଉପସ୍ଥିତିକୁ ହିଁ ବୁଝାଏ । |
| **ପ୍ରତିନିଧି ସାଧାରଣ ପରଷଦ** | : | କୃଷକ ଉତ୍ପାଦକ ସଙ୍ଗଠନର ଜେନେରାଲ ବଡି ସେମାନଙ୍କ ପ୍ରତିନିଧି ବାରମ୍ବାର ଏକ ଶୀଘ୍ର ବୈଠକ ଏବଂ ଅଲୋଚନା ପାଇଁ ସେମାନଙ୍କ ପ୍ରତିନିଧି ଭାବରେ ମନୋନୀତ କରିପାରିବ । |

| | | |
|---|---|---|
| **Returns Filing ବା ଆର୍ଥିକ ଓ ଅଣ-ଆର୍ଥିକ ବିବରଣୀ ଦାଖଲ** | : | ଯେଉଁ ଆଇନ୍ ଅନୁସାରେ କୃଷକ ଉତ୍ପାଦକ ସଂଗଠନ ପଞ୍ଜିକୃତ ହୋଇଛି, ସେହି ଆଇନ୍ ନିର୍ଦ୍ଦିଷ୍ଟ କରିଛି ଯେ, ବାର୍ଷିକ ସାଧାରଣ ପରିଷଦ ସଭାର ବିବରଣୀ ସହିତ ନିର୍ଦ୍ଦେଶକଙ୍କ ବିବରଣୀ, ଅଡିଟ୍ ହୋଇଥିବା ବାଲାନ୍ସ ସିଟ୍ ଏବଂ ଲାଭ ଓ କ୍ଷତି ହିସାବ ରେଜିଷ୍ଟ୍ରାର ପାଖରେ ଦିଆଯିବ। |
| **ଉପ-କମିଟିସମୂହ** | : | ପ୍ରତ୍ୟେକ ମୁଖ୍ୟ କାର୍ଯ୍ୟ ଯଥା; ବିକ୍ରିବଟା, ଆର୍ଥିକ, ଯନ୍ତ୍ରପାତି ଯୋଗାଣ ଇତ୍ୟାଦି ପାଇଁ, କୃଷକ ଉତ୍ପାଦକ ସଙ୍ଗଠନର ବୋର୍ଡର ସଦସ୍ୟମାନେ ଉପ-କମିଟି ଗଠନ କରିପାରିବେ, ଯେଉଁଥିରେ ୨ ରୁ ୩ ଜଣ ସଦସ୍ୟ ରହିବେ। ପ୍ରତ୍ୟେକ ଉପ-କମିଟିକୁ ଦିଆଯାଇଥିବା କାର୍ଯ୍ୟ ଏବଂ ଦାୟିତ୍ୱକୁ ତଦାରଖ କରିବା ବୋର୍ଡର ଦାୟିତ୍ୱ ଅଟେ। |

# କାର୍ଯ୍ୟକ୍ରମର ପ୍ରାରମ୍ଭିକ ମୂଲ୍ୟାୟନ

ଏହି ପେଟିକାରେ "କୃଷକ ଉତ୍ପାଦକ ସଙ୍ଗଠନର ସ୍ୱଶାସନ ବ୍ୟବସ୍ଥା" ସଂପର୍କରେ ଆଲୋଚନା କରିବାପାଇଁ ବ୍ୟବସ୍ଥା ରହିଛି । ଏହି ବିଷୟକୁ ଆଧାରକରି ନିମ୍ନରେ କେତୋଟି ମୌଳିକ ପ୍ରଶ୍ନ ଦିଆଯାଇଛି ଏବଂ ଆପଣମାନେ ଏହି ପ୍ରଶ୍ନର ଉତ୍ତର ଦେବେ । କାର୍ଯ୍ୟକ୍ରମର ପ୍ରାରମ୍ଭିକ ସ୍ଥିତି ଆକଳନ ହେଉଛି, ବର୍ତ୍ତମାନ ଏହି ପ୍ରଶ୍ନ ସମ୍ପର୍କିତ ବୁଝାମଣା ଆମର କେତେ ଅଛି ଜାଣିବା ଏବଂ "କୃଷକ ଉତ୍ପାଦକ ସଙ୍ଗଠନର ସ୍ୱଶାସନ ବ୍ୟବସ୍ଥା" ବିଷୟରେ ଅଧିକ ଜ୍ଞାନ ହାସଲ କରିବା ହେଉଛି ଏହାର ଉଦ୍ଦେଶ୍ୟ ।

୧. ବୋର୍ଡର ନିର୍ଦ୍ଦେଶକମଣ୍ଡଳୀର ଗୋଟିଏ ଅତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କ'ଣ ବୋଲି ଭାବୁଛନ୍ତି ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

୨. ବୋର୍ଡର ସଭ୍ୟ ହିସାବରେ ସଠିକ୍ ଭାବରେ ଆପଣଙ୍କର ଭୂମିକା ତୁଲାଉଛନ୍ତି କି ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

୩. ବର୍ତ୍ତମାନ ବୋର୍ଡର ବୈଠକ କିପରି ସଠିକ୍ ଭାବରେ ପରିଚାଳନା କରାଯାଉଛି ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

୪. କୃଷକ ଉତ୍ପାଦକ ସଙ୍ଗଠନରେ ଯଦି ଆବଶ୍ୟକୀୟ ବ୍ୟବସ୍ଥା ଉପସ୍ଥାପନ କରା ନ ଯାଏ, ତେବେ କି ପ୍ରକାର ଅସୁବିଧା ହେବ ବୋଲି ଆପଣ ଭାବୁଛନ୍ତି ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

୧

# କୃଷକ ଉତ୍ପାଦକ ସଙ୍ଗଠନରେ ଶାସନ ବ୍ୟବସ୍ଥା ଉପକ୍ରମ ଏବଂ ଗୁରୁତ୍ୱ

## ଅଧିବେଶନ ଉଦ୍ଦେଶ୍ୟ



**କୃଷକ ଉତ୍ପାଦକ ସଙ୍ଗଠନରେ ଶାସନ ବ୍ୟବସ୍ଥା ଏବଂ ଏହାର ଗୁରୁତ୍ୱ ବିଷୟରେ ଜାଣିବା ।**

**ବିଷୟବସ୍ତୁ**

**୧. କୃଷକ ଉତ୍ପାଦକ ସଙ୍ଗଠନରେ ଶାସନ ବ୍ୟବସ୍ଥାର ଅର୍ଥ**

**୨. କୃଷକ ଉତ୍ପାଦକ ସଙ୍ଗଠନରେ ଶାସନ ବ୍ୟବସ୍ଥାର ଗୁରୁତ୍ୱ**

## ସ୍ୱଶାସନ ବ୍ୟବସ୍ଥା

ପୂର୍ବ ପେଟିକାରେ, ଆମ୍ଭେ କୃଷକ ଉତ୍ପାଦକ ସଙ୍ଗଠନର ସଦସ୍ୟତା ବିଷୟରେ ଜାଣିଲେ। ବର୍ତ୍ତମାନ ଏହି ପେଟିକାରେ, କୃଷକ ଉତ୍ପାଦକ ସଙ୍ଗଠନର ଗୁରୁତ୍ୱପୂର୍ଣ୍ଣ କର୍ମଚାରୀଙ୍କ ବିଷୟରେ ଜାଣିବା, ଯାହା ହେଉଛି ବୋର୍ଡ ଏବଂ ଶାସନ ବ୍ୟବସ୍ଥାର ଏହାର ମୁଖ୍ୟ କାର୍ଯ୍ୟସମୂହ କ'ଣ।

କୌଣସି ସଙ୍ଗଠନରେ ଶାସନ ବ୍ୟବସ୍ଥା ଆବଶ୍ୟକୀୟ ନୀତି ଏବଂ ନିୟମସମୂହକୁ ମାନିଚାଲେ ଏବଂ ଏହାର ନୀତିନିୟମ, କର୍ମଚାରୀ ଇତ୍ୟାଦି ଅନୁସାରେ ବ୍ୟବସ୍ଥିତ ଢଙ୍ଗରେ ରୂପାୟନ କରାଯାଏ। ଶାସନ ବ୍ୟବସ୍ଥା ନୀତି ଓ ଆଇନ ଅନୁସାରେ ଆବଶ୍ୟକୀୟ ସୂଚନା ପ୍ରଦାନ କରିବା ସହିତ ସଂପୃକ୍ତ ଉପଭୋକ୍ତାଙ୍କର ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରାଇଥାଏ ।

ଉତ୍ତମ ଶାସନ ବ୍ୟବସ୍ଥା ଯେକୌଣସି ଅନୁଷ୍ଠାନର ଏକ ମୁଖ୍ୟ କାର୍ଯ୍ୟ ଅଟେ। କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ଏବଂ ଯେ କୌଣସି ଅନୁଷ୍ଠାନ ପାଇଁ, କୃଷକ ଉତ୍ପାଦକ ସଙ୍ଗଠନର ବୋର୍ଡ ପାଇଁ ଶାସନ ବ୍ୟବସ୍ଥା ମଧ୍ୟ ଦରକାର। ପ୍ରକୃତରେ ବୋର୍ଡରେ ଉତ୍ତମ ଶାସନ ବ୍ୟବସ୍ଥା ହେଉଛି ଏକମାତ୍ର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ।

ଏହି ପେଟିକାରେ, କୃଷକ ଉତ୍ପାଦକ ସଙ୍ଗଠନର ଶାସନ ବ୍ୟବସ୍ଥାର ବିଭିନ୍ନ ଦିଗ ବିଷୟରେ ନିମ୍ନରେ ପ୍ରଦାନ କରାଗଲା–

- ବୋର୍ଡ ସମ୍ପର୍କୀୟ – ଗଠନ, କାର୍ଯ୍ୟକାଳ ଏବଂ ନିର୍ବାଚନ
- କୃଷକ ଉତ୍ପାଦକ ସଙ୍ଗଠନରେ ଶାସନ ବ୍ୟବସ୍ଥା
- ମୁଖ୍ୟ ବୈଠକ ସବୁର ପରିଚାଳନା – ବୋର୍ଡ ଏବଂ ସାଧାରଣ ପରିଷଦ
- ସାଙ୍ଗଠନିକ ସ୍ତରରେ ବ୍ୟବସ୍ଥା ଏବଂ ନୀତିସମୂହ
- ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ
- କୃଷକ ଉତ୍ପାଦକ ସଙ୍ଗଠନରେ ଉତ୍ତମ ଶାସନ ବ୍ୟବସ୍ଥାର ଅଭ୍ୟାସ/କାର୍ଯ୍ୟକାରୀତା

ବର୍ତ୍ତମାନ, ଗୋଟିଏ ପରେ ଗୋଟିଏ ଦିଗକୁ ଆଲୋଚନା କରିବା ।



୨

# ବୋର୍ଡ ସଂପର୍କିତ - ଗଠନ, କାର୍ଯ୍ୟକାଳ ଏବଂ ନିର୍ବାଚନ

**ଅଧିବେଶନ ଉଦ୍ଦେଶ୍ୟ**



**ବୋର୍ଡର ଗଠନ, କାର୍ଯ୍ୟକାଳ ଏବଂ ସଭ୍ୟମାନଙ୍କର ନିର୍ବାଚନ ବିଷୟରେ ଆବଶ୍ୟକୀୟ ଜ୍ଞାନ ଆହରଣ କରିବା ।**

**ବିଷୟବସ୍ତୁ**

୧. ବୋର୍ଡର ସଭ୍ୟପଦ ପାଇଁ ଯୋଗ୍ୟତା ଏବଂ ଅଯୋଗ୍ୟତା
୨. ବୋର୍ଡରେ ନିର୍ଦ୍ଦେଶକଙ୍କ ସଂଖ୍ୟା
୩. ସ୍ୱାଧିନ ନିର୍ଦ୍ଦେଶକସମୂହ
୪. ବୋର୍ଡର ସଭ୍ୟପଦ ନିମନ୍ତେ କାର୍ଯ୍ୟକାଳ ଏବଂ ପୁନଃ ନିର୍ବାଚନ
୫. ବୋର୍ଡର ସଭ୍ୟମାନଙ୍କ ଦ୍ୱାରା ସଭ୍ୟପଦରୁ ନିବୃତ୍ତି
୬. ବୋର୍ଡର ସଭ୍ୟମାନଙ୍କ ନିର୍ବାଚନ

ଶାସନ ବ୍ୟବସ୍ଥା ବିଷୟରେ ସଂପୂର୍ଣ୍ଣ ଆଲୋଚନା କରିବା ପୂର୍ବରୁ, କୃଷକ ଉତ୍ପାଦକ ସଙ୍ଗଠନର ବୋର୍ଡ ବିଷୟରେ ଆଲୋଚନା କରିବା ।

କୃଷକ ଉତ୍ପାଦକ ସଙ୍ଗଠନରେ ବୋର୍ଡ/ଶାସନ ପରିଷଦ ହିସାବରେ ନୀତିଗତ ନିଷ୍ପତ୍ତି ନେଇଥାଏ ଏବଂ କୃଷକ ଉତ୍ପାଦକ ସଙ୍ଗଠନ ତାହାର ସଭ୍ୟମାନଙ୍କ ପାଇଁ କାର୍ଯ୍ୟ କରିବା ସୁନିଶ୍ଚିତ କରିଥାଏ । ଏହି ବିଭାଗରେ ବୋର୍ଡର ବିଭିନ୍ନ ବିଷୟକୁ ଅବଲୋକନ କରିବା - ଏହାର ଗଠନ, ବୋର୍ଡର ସଭ୍ୟପଦରୁ ବହିଷ୍କାର, ନିର୍ବାଚନ ଇତ୍ୟାଦି ।

## ବୋର୍ଡର ଗଠନ ପ୍ରଣାଳୀ

**ପ୍ରଶ୍ନ-** ଆମ କୃଷକ ଉତ୍ପାଦକ ସଙ୍ଗଠନରେ କେତେ ଜଣ ସଭ୍ୟ ବୋର୍ଡରେ ରହିପାରିବେ ଏବଂ ଏଥିରେ ରହିବା ପାଇଁ କି ପ୍ରକାର ଯୋଗ୍ୟତା ଥିବା ଆବଶ୍ୟକ ?

କୃଷକ ଉତ୍ପାଦକ ସଙ୍ଗଠନରେ ବୋର୍ଡର ସଭ୍ୟମାନେ ସାଧାରଣ ପରିଷଦ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ଗଠିତ । ସେମାନେ ସମସ୍ତେ କୃଷକ ଉତ୍ପାଦକ ସଙ୍ଗଠନର ସଭ୍ୟ ଅଟନ୍ତି । ଯେଉଁମାନେ ବୋର୍ଡର ସଭ୍ୟ ହେବେ ସେମାନେ ନିଶ୍ଚିତ ଭାବରେ ନିର୍ଦ୍ଦିଷ୍ଟ ମାନଦଣ୍ଡ ଅନୁସାରେ ଯୋଗ୍ୟତା ହାସଲ କରୁଥିବେ ।

**ନିର୍ଦ୍ଦେଶକଙ୍କ ପାଇଁ ଯୋଗ୍ୟତାର ମାପକାଠି –** କୃଷକ ଉତ୍ପାଦକ ସଙ୍ଗଠନର ନୀତିନିୟମ/ସମ୍ବିଧାନ ଅନୁସାରେ ଆବଶ୍ୟକୀୟ ତଥା ନିର୍ଦ୍ଦିଷ୍ଟ ଯୋଗ୍ୟତାର ମାପକାଠି ସ୍ଥିର କରିଥାଏ ଏବଂ ଏହି ବୋର୍ଡର ସଭ୍ୟପଦ ପାଇଁ ପ୍ରତିଯୋଗୀତା କରିବାକୁ ପଡିଥାଏ । ଏହି ଯୋଗ୍ୟତାର ମାପକାଠି ନିମ୍ନରେ ପ୍ରଦତ୍ତ କରାଗଲା-

ପ୍ରତିଭାସମ୍ପନ୍ନ ନିର୍ଦ୍ଦେଶକମାନଙ୍କ ଗୁଣାବଳୀ –

- ନେତୃତ୍ୱ
- ସଭ୍ୟଙ୍କୁ ପ୍ରତିନିଧିତ୍ୱ କରୁଥିବେ (ବୃତ୍ତି, ଭୌଗଳିକ କ୍ଷେତ୍ର, ଗୋଷ୍ଠି)
- ବୃତ୍ତି କ୍ଷେତ୍ରରେ ଜଣେ ଉତ୍ତମ ପେଶାଦାର
- ସାଧୁତା ଥିବ ଏବଂ ବିବାଦମୂଳକ ବ୍ୟକ୍ତି ହୋଇ ନ ଥିବେ
- କ୍ଷୁଦ୍ର, ନାମମାତ୍ର ଏବଂ ମହିଳା ଚାଷୀଙ୍କ ପାଇଁ ଦରଦୀ ମନୋଭାବ ଥିବ



**ପ୍ରସ୍ତାବସୂଚକ ଯୋଗ୍ୟତା ମାପଦଣ୍ଡ**

- ୨୫-୬୫ ବର୍ଷ ବୟସ ହୋଇଥିବ ।
- ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା - ୭ମ ଶ୍ରେଣୀ ପଢିଥିବେ, ପଢିବା, ଲେଖିବା ଓ ହିସାବ କରିବା ପାଇଁ ଦକ୍ଷତା ଥିବ ।
- ଆବଶ୍ୟକୀୟ କଷ୍ଟକର ଦାୟିତ୍ୱ ନେବା ପାଇଁ ଇଚ୍ଛୁକ ଥିବେ ।
- ଆବଶ୍ୟକ ସ୍ଥଳେ ସମୟ ଦେଇପାରିବେ ।
- କୃଷକ ଉତ୍ପାଦକ ସଙ୍ଗଠନରେ ଅନ୍ତତଃ ପକ୍ଷେ ସଭ୍ୟ ହିସାବରେ ୨ବର୍ଷ ରହିବେ ଓ ଆଗକୁ ରହିବା ପାଇଁ ଯୋଗ୍ୟତା ଥିବ ।



- ନିର୍ବାଚନ ପୂର୍ବରୁ ଅତି କମରେ ୨ଥର ସାଧାରଣ ପରିଷଦ ବୈଠକରେ ଭାଗ ନେଇଥିବେ।
- କୃଷକ ଉତ୍ପାଦକ ସଙ୍ଗଠନରେ କିଛି ଅର୍ଥ ପଇଠ କରିବା ପାଇଁ ବକେୟା ନଥିବ।
- ବୋର୍ଡ ସଭ୍ୟପଦ ବଜାୟ ରଖିବା ପାଇଁ ଯୋଗ୍ୟତା ଥିବ ।

### ଅଯୋଗ୍ୟତା ପାଇଁ ମାପଦଣ୍ଡ

- ବୋର୍ଡ ସଭ୍ୟ ଜଣକ ସେହି ଅଞ୍ଚଳର ଏକ ସମାନ ପ୍ରକାରର ଯେକୌଣସି ସଙ୍ଗଠନରେ ସାମିଲ ହୋଇଥିବେ।
- କୃଷକ ଉତ୍ପାଦକ ସଙ୍ଗଠନର କାର୍ଯ୍ୟରେ ଯଦି ନିଜର ବୃତ୍ତି ମେଳ ଖାଇବ ନାହିଁ, ସେହି ବ୍ୟକ୍ତି / ପରିବାର ବୋର୍ଡର ସଭ୍ୟ ହୋଇପାରିବ ନାହିଁ।
- କୌଣସି ରାଜନୈତିକ ଦଳରେ ସଂପୃକ୍ତ ଥିଲେ ।
- ଆର୍ଥିକ କ୍ଷେତ୍ରରେ ଖିଲାପି କରିଥିଲେ ସେ ମଧ୍ୟ ବୋର୍ଡର ସଭ୍ୟ ହୋଇପାରିବେ ନାହିଁ।




### ବୋର୍ଡରେ ସଭ୍ୟ ସଂଖ୍ୟା

- ୨୦୧୩ କମ୍ପାନୀ ଆଇନ୍ ଅନୁସାରେ ଯେ କୌଣସି ଉତ୍ପାଦକ କମ୍ପାନୀର ବୋର୍ଡର ୫ ଜଣରୁ କମ୍ କିମ୍ବା ୧୫ ଜଣରୁ ଅଧିକ ସଭ୍ୟ ରହିବେ ନାହିଁ।
- ଓଡ଼ିଶାର ମାକ୍ସ ଆଇନ୍ ବୋର୍ଡରେ କେତେ ଜଣ ନିର୍ଦ୍ଦେଶକଙ୍କୁ ରଖିବେ, ତାହା ନିଷ୍ପତ୍ତି ନେଇପାରିବେ। ବୋର୍ଡର ନିର୍ଦ୍ଦେଶକଙ୍କ ସଂଖ୍ୟା ଯୁଗ୍ମ କିମ୍ବା ଅଯୁଗ୍ମ ହୋଇପାରେ, କିନ୍ତୁ ସେମାନଙ୍କର କାର୍ଯ୍ୟକାଳ ୩ ବର୍ଷ ହେବା ଦରକାର। ତା'ହେଲେ ବୋର୍ଡର ସଭ୍ୟଙ୍କ ସଂଖ୍ୟା ୬ (୩×୨), ୯ (୩×୩), ୧୨ (୩×୪), ୧୫ (୩×୫) ଇତ୍ୟାଦି।

### ସ୍ୱାଧିନ/ଦକ୍ଷ ନିର୍ଦ୍ଦେଶକସମୂହ

କମ୍ପାନୀ ଆଇନ୍ ୨୦୧୩ ଅନୁସାରେ ଉତ୍ପାଦକ କମ୍ପାନୀର ବୋର୍ଡରେ ସ୍ୱାଧିନ/ଦକ୍ଷ ନିର୍ଦ୍ଦେଶକ ରହିବାର ବ୍ୟବସ୍ଥା ଅଛି। ଆଇନ ଅନୁସାରେ ବୋର୍ଡରେ ଦକ୍ଷ ନିର୍ଦ୍ଦେଶକ ଯେଉଁମାନେ କି ସମୁଦାୟ ନିର୍ଦ୍ଦେଶକ ସଂଖ୍ୟାର ଏକ ପଞ୍ଚମାଂଶରୁ ଅଧିକ ହେବେ ନାହିଁ। ଦକ୍ଷ/ଅଭିଜ୍ଞ ନିର୍ଦ୍ଦେଶକଙ୍କର ସଭାପତିଙ୍କ ନିର୍ବାଚନରେ ଭୋଟ ଦେବାର ଅଧିକାର ନାହିଁ, କିନ୍ତୁ ଆଇନ୍ ଅନୁସାରେ ଯଦି ବ୍ୟବସ୍ଥା ଥାଏ, ତେବେ ସଭାପତି ନିର୍ବାଚନରେ ଭାଗ ନେବାପାଇଁ ଯୋଗ୍ୟତା ଅଛି ।



# ବୋର୍ଡର ସଭ୍ୟମାନଙ୍କ କାର୍ଯ୍ୟକାଳ

ଥରେ ବୋର୍ଡ ସଭ୍ୟ ସଂଖ୍ୟା ଏବଂ ସେମାନଙ୍କର ଯୋଗ୍ୟତା ଇତ୍ୟାଦି ଦେଖିଲାପରେ, ନିର୍ଦ୍ଦେଶକମାନଙ୍କ ପାଇଁ ବିଭିନ୍ନ ସର୍ତ୍ତ ସ୍ଥିର କରାଯିବ। ସେ ଗୁଡିକ ହେଲା - କାର୍ଯ୍ୟକାଳ, ଅବସର, ପଦବୀରୁ ନିଜେ ନିବୃତ୍ତ ହେବା ଇତ୍ୟାଦି। ନିର୍ଦ୍ଦେଶକମାନଙ୍କର ଆଇନ୍ ଅନୁସାରେ ବିଭିନ୍ନ କାର୍ଯ୍ୟକାଳ ନିମ୍ନରେ ପ୍ରଦାନ କରାଗଲା।

**କମ୍ପାନୀ ଆକ୍ଟ ୨୦୧୩**

ପ୍ରତି ବର୍ଷ ଏକ ତୃତୀୟାଂଶ ବୋର୍ଡସଭ୍ୟ ପଦବୀରୁ ଅବସର ଗ୍ରହଣ କରିବେ ଏବଂ ସେହି ପଦବୀ ପାଇଁ ନିର୍ବାଚନ କରାଯିବ। ବୋର୍ଡ ସଭ୍ୟଙ୍କ କାର୍ଯ୍ୟକାଳ ନିର୍ଦ୍ଦିଷ୍ଟ ଧାରା ଅନୁସାରେ କରାଯିବ। ଏହା ନିଶ୍ଚିତ ଭାବରେ ୧ ବର୍ଷରୁ କମ କିମ୍ବା ୫ ବର୍ଷରୁ ଅଧିକ ହେବା ଉଚିତ ନୁହେଁ। ପ୍ରତ୍ୟେକ ନିର୍ଦ୍ଦେଶକ, ଆଇନ୍ ଅନୁସାରେ ଅବସର ଗ୍ରହଣ କରିବେ ଏବଂ ନିର୍ଦ୍ଦେଶକ ଭାବରେ ପୁନଶ୍ଚ ନିଯୁକ୍ତି ପାଇବାପାଇଁ ଯୋଗ୍ୟ ହେବେ ।

## ବୋର୍ଡର ନିର୍ଦ୍ଦେଶକମାନେ କାର୍ଯ୍ୟାଳୟରୁ ନିବୃତ୍ତ ହେବା (କମ୍ପାନୀ ଆଇନ୍ ୨୦୧୩)

ଉତ୍ପାଦକ କମ୍ପାନୀର ନିର୍ଦ୍ଦେଶକଙ୍କୁ ତାଙ୍କ ପଦବୀରୁ ନିବୃତ୍ତ କରାଯାଇପାରେ ଯଦି–

୧) ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବେ;

୨) କୌଣସି ଅଗ୍ରୀମ କିମ୍ବା କରଜ ପରିଶୋଧ କରିବାରେ ଅକ୍ଷମ ହେଲେ;

୩) ଉତ୍ପାଦକ କମ୍ପାନୀଠାରୁ ନେଇଥିବା, ଅଗ୍ରୀମ କିମ୍ବା ଋଣ ପରିଶୋଧ କରି ନପାରିଲେ;

୪) ଉତ୍ପାଦକ କମ୍ପାନୀ ସିଏ ଯେଉଁଠାରେ ନିର୍ଦ୍ଦେଶକ ଥିବେ

କ) ସେ ଲଗାତର ଭାବେ ୩ ବର୍ଷ ପାଇଁ ବାର୍ଷିକ ହିସାବନିକାଶ ଓ ବାର୍ଷିକ ରିଟର୍ଣ୍ଣ ଦାଖଲ କରି ନଥିବେ; ଅଥବା,

ଖ) ଗୋଟିଏ ବର୍ଷରୁ କିମ୍ବା ତାଠାରୁ ଅଧିକ ସମୟ ପାଇଁ ଅର୍ଥ ଜମା, ସ୍ଥଗିତ ମୂଲ୍ୟ, ପୃଷ୍ଠପୋଷକତା ବୋନସ ବା ସୁଧ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନଦେବା ଅଥବା ଲାଭାଂଶ ପରିଶୋଧ ଇତ୍ୟାଦି।

ଗ) ନିର୍ଦ୍ଦେଶକ ନିର୍ବାଚନ ଆୟୋଜନ କରିପାରି ନ ଥିଲେ।

ଘ) ପ୍ରାକୃତିକ ଦୁର୍ବିପାକ ବା ସେହିପରି ଅନ୍ୟ କାରଣ ବ୍ୟତୀତ ବାର୍ଷିକ ସାଧାରଣ ବୈଠକ କିମ୍ବା ଅସାଧାରଣ ସାଧାରଣ ବୈଠକକୁ କମ୍ପାନୀ ଧାରା ଅନୁଯାୟୀ ନିର୍ଦ୍ଧାରିତ ସମୟରେ କରିପାରୁ ନଥିଲେ;

# ପାରସ୍ପରିକ ସମବାୟ ସମିତି ଆଇନ ୧୯୯୫

ପ୍ରତ୍ୟେକ ବର୍ଷ ଏକ ତୃତୀୟାଂଶ ନିର୍ଦ୍ଦେଶକମଣ୍ଡଳୀ ସଭ୍ୟମାନେ ଅବସର ନେବେ ଓ ଏହି ପଦବୀ ପାଇଁ ନିର୍ବାଚନ କରିବାକୁ ପଡିଥାଏ। ବୋର୍ଡ ସଭ୍ୟମାନଙ୍କର କାର୍ଯ୍ୟକାଳ ଉପବିଧି ବା ବାଇଲରେ ଲେଖାଯାଇପାରେ। ଯାହାହେଉ, ଏହା ଏକ ବର୍ଷ ଠାରୁ କମ୍ ହେବନାହିଁ ଏବଂ ୫ ବର୍ଷରୁ ଅଧିକ ହେବ ନାହିଁ। ପ୍ରତ୍ୟେକ ନିର୍ଦ୍ଦେଶକ ଯିଏ ଅବସର ନିଅନ୍ତି, ଉପବିଧି ଅନୁଯାୟୀ ନିର୍ଦ୍ଦେଶକ ଭାବେ ପୁନଃ ନିଯୁକ୍ତି ପାଇପାରିବେ।

### କାର୍ଯ୍ୟକାଳ

ମାକ୍ସ ଧାରା ବା ଆଇନ୍ ସୂଚୀତ କରେ ଯେ, ବୋର୍ଡର ନିର୍ଦ୍ଦେଶକମାନଙ୍କ କାର୍ଯ୍ୟକାଳ ୫ ବର୍ଷରୁ ଅଧିକ ହେବ ନାହିଁ। ନିର୍ଦ୍ଦେଶକମଣ୍ଡଳୀ ଅତି କମ୍‌ରେ ୩ ବର୍ଷ କିମ୍ବା ଅତିବେଶୀରେ ୫ ବର୍ଷ ପର୍ଯ୍ୟନ୍ତ ହେବା ଉଚିତ୍।

### କାର୍ଯ୍ୟକାଳ ସରିଲେ ମଧ୍ୟ କାର୍ଯ୍ୟରେ ସଂଶ୍ଳିଷ୍ଟ ଥିବେ

ମନେକର, ଯଦି ପରିଷଦର ସମସ୍ତ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ଏକ ସମୟରେ ଶେଷ ହୁଏ, ସେହି ସ୍ଥାନରେ ନୂଆ ନିର୍ବାଚିତ ହୋଇ ସେ ପଦବୀ ପୂରଣ କରିବା ମଧ୍ୟରେ ଏକ ବଡ ଶୂନ୍ୟସ୍ଥାନ ତିଆରି କରିବ ଏବଂ ସେମାନେ ସେମାନଙ୍କ କାର୍ଯ୍ୟ ବିଷୟରେ ବୁଝିବାକୁ ଅଧିକରୁ ଅଧିକ ସମୟ ଆବଶ୍ୟକ କରିବେ, ଏକ ଭୂଲ ନିଷ୍ପତ୍ତି ନେବାର ଅଧିକ ସମ୍ଭାବନା ରହିଛି, ଯାହାଦ୍ୱାରା ବ୍ୟବସାୟରେ କ୍ଷତି ଘଟାଇପାରେ। ତେଣୁ ପରିଷଦ ନିଶ୍ଚିତ ଭାବରେ ଏଭଳି ଏକ ପନ୍ଥା ନିର୍ଣ୍ଣୟ କରିବା ଆବଶ୍ୟକ ଯେ, ପରିଷଦର ସମସ୍ତ ନିର୍ଦ୍ଦେଶକ ଏକ ସମୟରେ ସେମାନଙ୍କ କାର୍ଯ୍ୟରୁ ଅନ୍ତର ହେବେ ନାହିଁ। ନିର୍ଦ୍ଦେଶକମାନଙ୍କ ମଧ୍ୟରୁ ଅତିକମରେ ଅଧା ନିର୍ଦ୍ଦେଶକ ତାଙ୍କ କାର୍ଯ୍ୟରୁ ଅବ୍ୟାହତି ନେଇପାରିବେ।

### ପୁନଃ ନିର୍ବାଚନ

ପରିଷଦର ନିର୍ଦ୍ଦେଶକ ପଦବୀର କାର୍ଯ୍ୟକାଳ ସଂପୂର୍ଣ୍ଣ ହେବାପରେ ଯେକୌଣସି ବ୍ୟକ୍ତି ଏହି ପଦବୀ ପାଇଁ ପରିଷଦ ତରଫରୁ ନିର୍ବାଚନରେ ପ୍ରତିଯୋଗୀତା ପାଇଁ ଭାଗ ନେଇପାରିବେ। ସାଧାରଣ ପରିଷଦ ମଧ୍ୟ ସେମାନଙ୍କୁ ପୁନଃ ନିଯୁକ୍ତି ଦେଇପାରିବ। ସେ ଯାହା ହେଉନା କାହିଁକି ସମିତିର ନିୟମ ଅନୁସାରେ ଏହିପରି ପୁନଃ ନିର୍ବାଚନ ପାଇଁ ବ୍ୟବସ୍ଥା ରଖାଯାଇ ନାହିଁ, ତେବେ ସେମାନେ ପୁନଃ ନିର୍ବାଚିତ ହେବା ପାଇଁ ଯୋଗ୍ୟ ହେବେ ନାହିଁ।

### ପରିଷଦର ନିର୍ଦ୍ଦେଶକ ପାଇଁ ଯୋଗ୍ୟତା/ଅଯୋଗ୍ୟତା

ପରିଷଦର ନିର୍ଦ୍ଦେଶକଙ୍କ ନିର୍ବାଚନ ପାଇଁ ସମିତିର ନୀତି ନିୟମଗୁଡିକ ସ୍ପଷ୍ଟ ଭାବରେ ବାଇଲରେ ଲେଖାଯାଇଥିବା ଉଚିତ। ଠିକ୍ ସେହିପରି ଜଣେ ନିର୍ଦ୍ଦେଶକଙ୍କୁ କାର୍ଯ୍ୟରୁ କିପରି ଅଯୋଗ୍ୟ ଘୋଷିତ କରାଯିବ ତାହାର ସ୍ୱତନ୍ତ୍ର ସର୍ତ୍ତାବଳୀ ମଧ୍ୟ ଲେଖାଯିବା ଉଚିତ।

**ଯୋଗ୍ୟତା**

ଯେ କୌଣସି ବ୍ୟକ୍ତି ଏହି ପଦବୀ ପାଇଁ ନିର୍ବାଚନରେ ଲଢିବାକୁ ହେଲେ-

- ପ୍ରଥମେ ସମବାୟ ସମିତିର ସଭ୍ୟ ହୋଇଥିବେ, ମତଦାନ କରିବାର ଅଧିକାର ଥିବ ଏବଂ ସମିତିର ଏକ ସ୍ଥାୟୀ ସଭ୍ୟ ହୋଇଥିବେ ।
- ନିଶ୍ଚିତ ଭାବରେ ୨ବର୍ଷ ସଭ୍ୟ ହିସାବରେ ସମବାୟ ସମିତିରେ କାର୍ଯ୍ୟ କରିଥିବେ, ମତଦାନ କରିବାର ଅଧିକାର ଥାଇ ଅତିକମ୍‌ରେ ୨ ବର୍ଷ ଭୋଟ୍ ଦେଇଥିବେ ।
- ନିର୍ବାଚନ ପୂର୍ବରୁ ଅତିକମ୍‌ରେ ୨ ବର୍ଷ ସାଧାରଣ ପରିଷଦ ବୈଠକରେ ଯୋଗଦାନ / ଅଂଶଗ୍ରହଣ କରିଥିବେ ।
- ନିର୍ଦ୍ଦେଶକଙ୍କ ସମିତିକୁ କୌଣସି ବକେୟା ପଇଠ କରିବାକୁ ନଥିବ । ଯଦିଓ ଏହା ଆଇନରେ ସୂଚୀତ ନାହିଁ, କିନ୍ତୁ ପରମ୍ପରା ଭାବରେ ଆମେ ଏହାକୁ ମାନିବା ଉଚିତ୍ ।

**ଅଯୋଗ୍ୟତା**

ନିମ୍ନଲିଖିତ ପରିସ୍ଥିତିରେ ନିର୍ଦ୍ଦେଶକମାନେ ହୁଏତ ପରିଷଦର ପୁନଃ ନିଯୁକ୍ତି ପାଇଁ ଅଯୋଗ୍ୟ ହେବେ କିମ୍ବା ପୁନଃ ନିର୍ବାଚିତ ହେବେ ନାହିଁ

- ଆର୍ଥିକ ବର୍ଷ ସରିବାର ୬ ମାସ ପୂର୍ବରୁ ସାଧାରଣ ବାର୍ଷିକ ବୈଠକ ହୋଇଥିବ ।
- ନିର୍ଦ୍ଧାରିତ ସମୟସୀମା ଶେଷ ପୂର୍ବରୁ ନିର୍ବାଚନ ଅନୁଷ୍ଠିତ କରାଯାଇ ପାରିବ ନାହିଁ ।
- ବାର୍ଷିକ ହିସାବକିତାବର ଅଡିଟ୍ ହୋଇ ନ ପାରିଲେ ।
- ବାର୍ଷିକ ସାଧାରଣ ବୈଠକରେ ଅନୁମୋଦନ ପାଇଁ ବାର୍ଷିକ ଅଡିଟ ହୋଇଥିବା ହିସାବ ଓ ବିବରଣୀ ଉପସ୍ଥାପନ କରି ନପାରିଲେ ।
- ବିନା ଅନୁମୋଦନରେ ତିନୋଟି ବାର୍ଷିକ ସାଧାରଣ ବୈଠକରେ ଅନୁପସ୍ଥିତ ରହିବା ।
- ସମବାୟ ସମିତିର କୌଣସି ବିଶୃଙ୍ଖଳିତ କାର୍ଯ୍ୟରେ ଲିପ୍ତ ଥିଲେ ।

ଉପର ଲିଖିତ ପରିସ୍ଥିତି ଦ୍ୱାରା ସେମାନେ ଏହି ପଦବୀରେ ରହିବା ପାଇଁ ଅଯୋଗ୍ୟ ବିବେଚିତ ହେବେ । ଏହା ବ୍ୟତୀତ ଆଉ ୩ ବର୍ଷ ପାଇଁ ସମବାୟ ସମିତିକୁ ନିର୍ବାଚିତ ହୋଇ ପାରିବେ ନାହିଁ ।

ଆଇନ୍ ଅନୁଯାୟୀ କୃଷକ ଉତ୍ପାଦକ ସଙ୍ଗଠନ ବିଭିନ୍ନ ସର୍ତ୍ତାବଳୀ ନିଶ୍ଚିତ କରିବା ଆବଶ୍ୟକ ଯଥା; କାର୍ଯ୍ୟକାଳ ବା ବିଭିନ୍ନ ସମୟ ଅବଧି, ଅବସର, ପଦବୀରୁ ନିବୃତ୍ତି ଏବଂ କାର୍ଯ୍ୟକାଳରୁ ଅବ୍ୟାହତି କିମ୍ବା ପଦବୀ ବଜାୟ ରଖିବା କିମ୍ବା ନ ରଖିବା ମାନଦଣ୍ଡ ଇତ୍ୟାଦି ।

## ଦାୟିତ୍ୱ

କୃଷକ ଉତ୍ପାଦକ ସଙ୍ଗଠନର ନୀତିନିୟମ, ଧାରା ଓ ତା'ର ସର୍ତ୍ତାବଳୀକୁ ଭଲରୂପେ ଅବଗତ ହେବା। ଯଦି କୌଣସି ଦିଗରୁ ସୂଚୀତ ହୋଇଥାଏ, ଦୟାକରି ଆଲୋଚନା କର ଓ ଆଇନ୍ ଅନୁସାରେ ନୀତିନିୟମରେ ନିର୍ଦ୍ଦିଷ୍ଟ ଭାବେ କ'ଣ ସବୁ ଲେଖାଅଛି ସେହି ଦିଗ ବିଷୟରେ ଜାଣିବା।

କ) ବୋର୍ଡର ସଭ୍ୟ ହେବା ପାଇଁ କି କି ଯୋଗ୍ୟତା ରହିବା ଉଚିତ୍ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

ଖ) ପୁନର୍ବାର ବୋର୍ଡ ସଭ୍ୟ ହିସାବରେ ପଦବୀରେ ରହି କାମ ଚାଲୁ ରଖିବାର ମାନଦଣ୍ଡ କ'ଣ ସବୁ ହେବା ଉଚିତ୍ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

ଗ) ଗୋଟିଏ ବୋର୍ଡରେ ନିର୍ଦ୍ଦେଶକଙ୍କ ସଂଖ୍ୟା କେତେ ହେବା ଉଚିତ୍ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

ଘ) ବୋର୍ଡର ସଭ୍ୟ ମାନଙ୍କର ସଠିକ୍ ଭାବରେ କାର୍ଯ୍ୟକାଳ କେତେ ହେବା ଉଚିତ୍ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..


ଙ) ବୋର୍ଡର ସଭ୍ୟମାନଙ୍କର ପୁନଃ ନିର୍ବାଚନ କିପରି କରାଯିବ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

ଚ) କେଉଁ ପରିସ୍ଥିତିରେ, ବୋର୍ଡର ସଭ୍ୟଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରାଯାଇପାରିବ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..


## ପରିଷଦ ବା ବୋର୍ଡର ସଭ୍ୟମାନଙ୍କର ନିର୍ବାଚନ



ନିର୍ବାଚନରେ ସଭ୍ୟଙ୍କୁ ଚୟନ କରିବା ପାଇଁ ହାତ ଟେକିବା-

ପ୍ରକୃତରେ ଏହା ଏକ ଭଲ ପଦ୍ଧତି ନୁହେଁ କାରଣ ସେମାନଙ୍କୁ ଯିଏ ଭୋଟ ଦେଇ ନାହାଁନ୍ତି, ସେ ସେମାନଙ୍କୁ କ୍ଷମା କରିବେ ନାହିଁ। ବରଂ ଲୋକଙ୍କୁ ନିର୍ବାଚନରେ ଲଢିବାକୁ ଉତ୍ସାହିତ କରନ୍ତୁ ଓ ନିମ୍ନଲିଖିତ ପ୍ରକ୍ରିୟା ମଧ୍ୟ ଆମ୍ଭେ ଗ୍ରହଣ କରିପାରିବା।

**ସାରଣୀ- ବୋର୍ଡର ସଭ୍ୟଙ୍କ ନିର୍ବାଚନ ପ୍ରକ୍ରିୟା**

| | | |
|---|---|---|
| ୧. କୃଷକ ଉତ୍ପାଦକ ସଙ୍ଗଠନ ତା'ର କ୍ଷେତ୍ର ପରିସରକୁ ୩ଟି ନିର୍ବାଚନ ମଣ୍ଡଳୀରେ ବିଭକ୍ତ କରିବା ଉଚିତ୍ । <br>   | ୧. ବରିଷ୍ଠ ଓ ପୁରାତନ ସଭ୍ୟମାନେ ଭବିଷ୍ୟତରେ ନିର୍ବାଚନ ପାଇଁ ଲଢିବେ ନାହିଁ । ସେମାନଙ୍କୁ ନିର୍ବାଚନ ଅଧିକାରୀ ଭାବେ ମନୋନୀତ କରାଯାଇପାରେ । <br>  | ୩. ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରୁ ଯୋଗ୍ୟ ପ୍ରାର୍ଥୀମାନେ ଏକାଠି ବସିବେ ଓ ସେମାନଙ୍କୁ ଏକ ନମ୍ବର ଦିଆଯିବ । <br>   |
| ୪. ସଭ୍ୟମାନେ ତାଙ୍କ ଚାହିଁବା ମୁତାବକ ଲୋକଙ୍କ ସଂଖ୍ୟା ଲେଖି, ନିର୍ବାଚନ ଅଧିକାରୀଙ୍କ ତରଫରୁ ଦିଆଯାଇଥିବା ବାକ୍ସରେ ପକାଇବେ । <br>  | ୫. ନିର୍ବାଚନ ଅଧିକାରୀ ଭୋଟ ଗଣତି କରିଥାନ୍ତି । <br>  | ୬. ନିର୍ବାଚନ ଅଧିକାରୀ ଯେଉଁମାନେ ୫୦ ଭାଗରୁ ଅଧିକ ଭୋଟ୍ ପାଇଲେ ତା'ର ନାମକୁ ନିର୍ବାଚିତ ବୋଲି ଘୋଷଣା କରନ୍ତି । <br>  |
| ୭. ବାରମ୍ବାର ନିର୍ବାଚନ ପ୍ରକ୍ରିୟାକୁ ସୋପାନ ୩ ରୁ ୬ ବ୍ୟବହାର କରି ଆବଶ୍ୟକୀୟ ସଂଖ୍ୟକ ବ୍ୟକ୍ତି ନିର୍ବାଚିତ ହେବା ପର୍ଯ୍ୟନ୍ତ ବା ନିବୃତ୍ତ ସଂଖ୍ୟା ପୂରଣ ହେବା ପର୍ଯ୍ୟନ୍ତ ଚାଲୁ ରଖନ୍ତୁ । <br>  | ୮. ପ୍ରତ୍ୟେକ ଅଞ୍ଚଳରୁ ଆମେ ନିଶ୍ଚିତ ୪ ଜଣ ନିର୍ଦ୍ଦେଶକଙ୍କୁ ବୋର୍ଡରେ ନେବା । <br>  | ୯. ବଛା ଯାଇଥିବା ସଭ୍ୟମାନେ ଶପଥ ଗ୍ରହଣ କରିବେ । <br>  |

ପରିଷଦର ନିର୍ଦ୍ଦେଶକମାନଙ୍କର ନିର୍ବାଚନ ପରେ ସେମାନେ ଦାୟିତ୍ୱ ଗ୍ରହଣ କରିବେ। ପୁଣି ଆଉ ଥରେ ସେହି ପଦ୍ଧତିରେ ପରିଷଦ ନିର୍ଦ୍ଦେଶକମାନଙ୍କର ନିର୍ବାଚନ ପ୍ରକ୍ରିୟା ହେବ। ଏଠାରେ ମଧ୍ୟ ସଭାପତି, ଉପସଭାପତି ଓ ଅନ୍ୟାନ୍ୟ କର୍ମକର୍ତ୍ତା ଯେଉଁମାନେ କି କାର୍ଯ୍ୟାଳୟର ଭାରଗ୍ରହଣ କରିବେ ସେମାନଙ୍କୁ ନିର୍ବାଚିତ କରାଯିବ ।

ପୁନଶ୍ଚ ନିର୍ବାଚନ ଶେଷରେ ନୂଆ ସଭାପତି ନିର୍ବାଚନ କମିଟିର ସଭ୍ୟମାନଙ୍କୁ ସେମାନଙ୍କର ସାହାଯ୍ୟ ଓ ସହଯୋଗ ପାଇଁ ଧନ୍ୟବାଦ ଦେବେ ଏବଂ ପୂର୍ବତନ କର୍ମକର୍ତ୍ତା ସେମାନଙ୍କର କାର୍ଯ୍ୟ ପାଇଁ ସେମାନଙ୍କୁ ଧନ୍ୟବାଦ ଦେବେ। ସେ ପରିଷଦର ନିର୍ଦ୍ଦେଶକମଣ୍ଡଳୀକୁ ଆଶ୍ୱସନା ଦେବେ ଯେ, ସେ ନିର୍ଦ୍ଦେଶକମଣ୍ଡଳୀ ଅନୁଷ୍ଠାନ ପାଇଁ ଆଗ୍ରହର ସହିତ କାର୍ଯ୍ୟ କରିବା ନିଶ୍ଚିତ କରାଇବେ।

## ଶାସନ ବ୍ୟବସ୍ଥା

ଆମେ ବୋର୍ଡର ନିର୍ଦ୍ଦେଶକ ହିସାବରେ କୃଷକ ଉତ୍ପାଦକ ସଙ୍ଗଠନକୁ ସୂଚାରୁରୂପେ ପରିଚାଳନା କରିବୁ ଏବଂ ସଭ୍ୟମାନଙ୍କ ମଧ୍ୟରେ ସୁ-ସଂପର୍କ ରକ୍ଷା କରିବୁ। ଏହାର କାରଣ, ଆମେ ସଭ୍ୟମାନଙ୍କଠାରୁ ସହଯୋଗ ଏବଂ ସେମାନଙ୍କର ଅଂଶଗ୍ରହଣ ବାର୍ଷିକ ବୈଠକ, ବାର୍ଷିକ ସାଧାରଣ ପରିଷଦ ବୈଠକ ଇତ୍ୟାଦିରେ କିପରି ସେବା ଯୋଗାଇଛୁ ସେମାନଙ୍କଠାରୁ ମତାମତ ଆଣିବା, କେଉଁ କାମ ଭଲ କରିଛେ ଏବଂ କେଉଁ କାମର ପରିବର୍ତ୍ତନ କରାଯିବ। ଏହି ପରିପ୍ରେକ୍ଷୀରେ, କୃଷକ ଉତ୍ପାଦକ ସଙ୍ଗଠନର କାର୍ଯ୍ୟକୁ ଭଲଭାବରେ ଚଳାଇବା ପାଇଁ ଶାସନ ବ୍ୟବସ୍ଥାର ଆବଶ୍ୟକତା ରହିଛି।

**ଅଭ୍ୟାସ:** ଆମେ ବର୍ତ୍ତମାନ ୩ ପ୍ରକାରର କୃଷକ ଉତ୍ପାଦକ ସଙ୍ଗଠନକୁ ନେଇ କ'ଣ ସବୁ ସୁବିଧା ଓ ପରିସ୍ଥିତିକୁ ଚିହ୍ନଟ କରିବା ଏବଂ ଏହି ପରିସ୍ଥିତିକୁ ସୁଧାରିବା ପାଇଁ ଆବଶ୍ୟକୀୟ ଶାସନ ବ୍ୟବସ୍ଥା କ'ଣ ହେବା ଦରକାର।

**କୃଷକ ଉତ୍ପାଦକ ସଙ୍ଗଠନ - ୧** ଏହି କୃଷକ ଉତ୍ପାଦକ ସଙ୍ଗଠନରେ ୧୨୦୦ ଜଣ ସଭ୍ୟ ଓ ପରିଷଦରେ ୧୫ ଜଣିଆ ବୋର୍ଡ ପ୍ରତିନିଧିତ୍ୱ କରୁଛନ୍ତି। ଯାହାହେଉ, ବର୍ତ୍ତମାନ କିଛି ଜରୁରୀ ନିଷ୍ପତ୍ତି ଯଥା; ଅଧିକୃତ ଅଂଶଧନର ବୃଦ୍ଧି, ଆର୍ଥିକ ଉଠାଣ ବା ଋଣ, ସଂଘରେ ସଦସ୍ୟତା ଇତ୍ୟାଦି ଯାହା ସାଧାରଣ ବୈଠକରେ ନିଷ୍ପତ୍ତି ନେଇ ସ୍ଥିର କରିବାକୁ ପଡିଥାଏ, ଏହି କ୍ଷେତ୍ରରେ ଅସାଧାରଣ ବା ସ୍ୱତନ୍ତ୍ର ସାଧାରଣ ବୈଠକରେ କୋରମ ଆଣିବାରେ ବହୁତ ଅସୁବିଧା ହୁଏ ।

**କୃଷକ ଉତ୍ପାଦକ ସଙ୍ଗଠନ -୨** ଆଦିବାସୀ, ପାହାଡିଆ ଅଞ୍ଚଳ, ଯେଉଁଠାରେ କି ପଡା ଗୁଡିକ ଛାଡିଛାଡି ଅଛି, ଭୌଗଳିକ ଦୃଷ୍ଟିରୁ ବହୁତ ବଡ, ସେହିଠାରେ ଏହି କୃଷକ ଉତ୍ପାଦକ ସଙ୍ଗଠନଟି କାମକରେ। ୪୦ଟି ପଡାରୁ ଲାଗିଲାଗି ଥିବା ୧୦ଟି ପଡାର ପ୍ରତିନିଧି ବୋର୍ଡରେ ପ୍ରତିନିଧିତ୍ୱ କରନ୍ତି ନାହିଁ। ସେଥିପାଇଁ ସେହି ପଡାଗୁଡିକର ସଭ୍ୟମାନେ କୃଷକ ଉତ୍ପାଦକ ସଙ୍ଗଠନର ସେବା ବାବଦରେ କୌଣସି ସୂଚନା ପାଇପାରନ୍ତି ନାହିଁ ଏବଂ ବୋର୍ଡ ମଧ ଆବଶ୍ୟକୀୟ ସୂଚନା ସେହି ପଡାଗୁଡିକର ସଭ୍ୟମାନଙ୍କର ଆବଶ୍ୟକତା ଓ ସ୍ଥିତି କ'ଣ ଅଛି ମଧ ପାଇପାରନ୍ତି ନାହିଁ।

**କୃଷକ ଉତ୍ପାଦକ ସଙ୍ଗଠନ-୩** ଏହି କୃଷକ ଉତ୍ପାଦକ ସଙ୍ଗଠନ ଯଥା; ଦ୍ରବ୍ୟ ବିକ୍ରିବଟା କରାଇବା, ସାଧନ ଯୋଗାଇବା, ଆର୍ଥିକ ସାହାଯ୍ୟ ଇତ୍ୟାଦି ବିଭିନ୍ନ ପ୍ରକାର କାମ କରିଥାଏ । ସେ ଯାହା ହେଉ, ସମସ୍ତ ବୋର୍ଡ ସଭ୍ୟ କୃଷକ ଉତ୍ପାଦକ ସଙ୍ଗଠନର ଏହିପରି ବଡ କାର୍ଯ୍ୟଗୁଡିକର ଦେଖରେଖ କରନ୍ତି । ବୋର୍ଡ ସଭ୍ୟମାନଙ୍କ ମଧ୍ୟରେ ଏ ବିଷୟରେ ସ୍ପଷ୍ଟତା ନାହିଁ, ତେଣୁ ଏହି କାର୍ଯ୍ୟକଳାପସମୂହର ଉତ୍ତରଦାୟିତ୍ୱ ନାହିଁ ।

ଉପରୋକ୍ତ ଆଲୋଚନାରୁ ଆମେ ଶେଷରେ ଉପନୀତ ହେଲେ ଯେ, କୃଷକ ଉତ୍ପାଦକ ସଙ୍ଗଠନ ଭଲଭାବେ କାର୍ଯ୍ୟ କରିବା ପାଇଁ କିଛି ଶାସନ ବ୍ୟବସ୍ଥାର ଆବଶ୍ୟକତା ରହିଛି । କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ଆବଶ୍ୟକ ଏହିପରି କିଛି ଶାସନ ବ୍ୟବସ୍ଥାସମୂହ ନିମ୍ନରେ ଦିଆଯାଇଛି । ଯାହା ହେଉ, ଏହି ସବୁ ଶାସନ ବ୍ୟବସ୍ଥା, କୃଷକ ଉତ୍ପାଦକ ସଙ୍ଗଠନରେ କାର୍ଯ୍ୟକଳାପ ଓ ନିର୍ଦ୍ଦିଷ୍ଟ ଆବଶ୍ୟକତା ଅନୁଯାୟୀ, ଅଲଗା ଅଲଗା ହୋଇପାରେ ।

### ପ୍ରତିନିଧିମାନଙ୍କର ସାଧାରଣ ପରିଷଦ

କୃଷକ ଉତ୍ପାଦକ ସଙ୍ଗଠନରେ ବହୁ ପରିମାଣର ସଭ୍ୟମାନଙ୍କୁ ନେଇ ଗଠିତ, ଯାହାକି କିଛି ତୁରନ୍ତ ନିଷ୍ପତ୍ତି ନେବା ନିମନ୍ତେ ଅସାଧାରଣ ବା ସ୍ୱତନ୍ତ୍ର ସାଧାରଣ ବୈଠକ ପାଇଁ କୋରମ ଯୋଗାଡ କରିବା କଷ୍ଟ ହୋଇଥାଏ । ତେଣୁ କୃଷକ ଉତ୍ପାଦକ ସଙ୍ଗଠନ ମାନଙ୍କର ସାଧାରଣ ପ୍ରତିନିଧି ପରିଷଦ ଗଠନ କରିପାରିବ । ସାଧାରଣ ପରିଷଦର ପ୍ରତିନିଧିତ୍ୱ ଅର୍ଥ ସମସ୍ତ ସଭ୍ୟମାନଙ୍କ ତରଫରୁ ଅଳ୍ପସଂଖ୍ୟକ ସଭ୍ୟଙ୍କ ପ୍ରତିନିଧିତ୍ୱ କରିବା । ଉଦାହରଣ ସ୍ୱରୂପ; ଗୋଟିଏ କୃଷକ ଉତ୍ପାଦକ ସଙ୍ଗଠନରେ ୧୦୦ କୃଷକ ଦଳ ଥିଲେ ହାରାହାରି ୧୦ଜଣ ସଭ୍ୟ ଗୋଟିଏ ଦଳରୁ ପ୍ରତିନିଧିତ୍ୱ କରିବେ ଏବଂ ସେମାନଙ୍କ ମଧ୍ୟରୁ ୧ ଜଣକୁ ସାଧାରଣ ପରିଷଦରେ ପ୍ରତିନିଧିତ୍ୱ ପାଇଁ ସ୍ଥାନିତ କରାଯିବ (୧୦ ଜଣଙ୍କ ମଧ୍ୟରୁ ଜଣକୁ) । ତେଣୁ ୧୦୦୦ ସଭ୍ୟଙ୍କ ମଧ୍ୟରୁ ୧୦୦ ଜଣ ସଭ୍ୟଙ୍କୁ ନେଇ ନିଷ୍ପତ୍ତି ଗ୍ରହଣ କରିବା ସହଜ ହେବ । ଏହି ପ୍ରତିନିଧିମାନଙ୍କର ସାଧାରଣ ପରିଷଦର (ଆରଜିବି) ସଦସ୍ୟମାନଙ୍କ କ୍ଷମତା ଓ କାର୍ଯ୍ୟଧାରା ସ୍ୱତନ୍ତ୍ର ଭାବରେ କୃଷକ ଉତ୍ପାଦକ ସଙ୍ଗଠନରେ ନୀତିନିୟମ ଧାରାରେ ଲିଖିତ ରହିଛି ।

### ଆଞ୍ଚଳିକ ଦାୟିତ୍ୱ

କୃଷକ ଉତ୍ପାଦକ ସଙ୍ଗଠନ ଆଞ୍ଚଳିକ ସ୍ତରରେ ମଧ୍ୟ କାର୍ଯ୍ୟ କରିପାରେ ଯଥା; ଗ୍ରାମପଞ୍ଚାୟତ/ଗ୍ରାମାଞ୍ଚଳରେ ବିଭିନ୍ନ ଦଳ କରି, ଯାହା ସଭ୍ୟମାନଙ୍କର ସଂଖ୍ୟା ଉପରେ ନିର୍ଭର କରିଥାଏ ଏବଂ ଆମର ଦେଖିବାର ଅଛି ଯେ, ପ୍ରତ୍ୟେକ ଅଞ୍ଚଳରୁ ଅତି କମ୍‌ରେ ଜଣେ ଲେଖାଏଁ ସଭ୍ୟ ପରିଷଦରେ ରହିବା ଆବଶ୍ୟକ । ଯଦି କୌଣସି ଅଞ୍ଚଳର ପରିଷଦରେ ସଭ୍ୟ ନଥାନ୍ତି କୃଷକ ଉତ୍ପାଦକ ସଙ୍ଗଠନ ପ୍ରତ୍ୟେକ ବୋର୍ଡ ସଭ୍ୟମାନଙ୍କୁ ନିର୍ଦ୍ଦିଷ୍ଟ ଅଞ୍ଚଳ ଦେଖାଶୁଣା କରିବା ପାଇଁ ଆବଣ୍ଟନ କରିପାରିବେ ।

ପରିଷଦର ନିର୍ଦ୍ଦିଷ୍ଟ ସଭ୍ୟମାନେ ତାଙ୍କ ଅଞ୍ଚଳର କାର୍ଯ୍ୟ ଓ ସେବା ପାଇଁ ଦାୟୀ ରହିବେ । ପରିଷଦର ସଭ୍ୟମାନେ ମଧ୍ୟ ସେହି ଅଞ୍ଚଳର ସଭ୍ୟ ଏବଂ ପରିଷଦ ମଧ୍ୟରେ ସୂଚନା ଓ ଯୋଗାଯୋଗ ଇତ୍ୟାଦି ପାଇଁ ସେତୁ ହିସାବରେ କାମ କରିପାରିବେ ।

ପରିଷଦ/ବୋର୍ଡର ସଭ୍ୟମାନଙ୍କର ସେହିପରି ନିର୍ଦ୍ଦିଷ୍ଟ ଦାୟିତ୍ୱ ଏବଂ ଆଞ୍ଚଳିକ ସ୍ତରରେ କାର୍ଯ୍ୟ କରିବାର ଧାରା/ଶାସନ ବ୍ୟବସ୍ଥା ନୀତିନିୟମରେ ମଧ୍ୟ ଲେଖା ହେବା ଆବଶ୍ୟକ ।

## ବୋର୍ଡର ଉପ-କମିଟିସମୂହ

ବଜାର ସୃଷ୍ଟି କରିବା, ଆର୍ଥିକ ଓ ସାଧନ ଯୋଗାଣ ପ୍ରତ୍ୟେକ ମୁଖ୍ୟ କାର୍ଯ୍ୟଗୁଡିକ କରିବା ପାଇଁ କୃଷକ ଉତ୍ପାଦକ ସଙ୍ଗଠନ ୨-୩ ସଭ୍ୟଙ୍କୁ ନେଇ ବୋର୍ଡର ଉପ-କମିଟି ଗଠନ କରିପାରେ। ପ୍ରତ୍ୟେକ ଉପ-କମିଟି ତାଙ୍କୁ ନ୍ୟସ୍ତ କରାଯାଇଥିବା କାର୍ଯ୍ୟର ଦେଖାଶୁଣା କରିବେ ଓ ପରିଷଦର ସାମଗ୍ରିକ ତତ୍ତ୍ୱାବଧାନରେ କାର୍ଯ୍ୟ କରିବେ।

**କାର୍ଯ୍ୟ-** କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ଅବଶ୍ୟକୀୟ ଶାସନ ବ୍ୟବସ୍ଥା କ'ଣ ଅଛି ସେ ବିଷୟରେ ଆଲୋଚନା କରି ଉପସ୍ଥାପନା କରିବା ଏବଂ ମତାମତ ନେବା।

### କମ୍ପାନୀ ଆକ୍ଟ-୫୮୧ୟୁ- ନିର୍ଦ୍ଦେଶକମାନଙ୍କୁ ନେଇ କମିଟି

୧. ପରିଷଦ ତା'ର କାର୍ଯ୍ୟକୁ ସୂଚାରୁରୂପେ ସମ୍ପାଦନ କରିବା ନିମନ୍ତେ ସହାୟତା ପାଇଁ ଉପଯୁକ୍ତ ମନେ କରୁଥିବା ଏହିପରି କିଛି କମିଟି ଗଠନ କରିପାରେ; କିନ୍ତୁ ପରିଷଦ ତା'ର କୌଣସି କ୍ଷମତାକୁ ହସ୍ତାନ୍ତର କରିବ ନାହିଁ କିମ୍ବା ମୁଖ୍ୟ କାର୍ଯ୍ୟ ନିର୍ବାହୀଙ୍କ କ୍ଷମତାକୁ କୌଣସି କମିଟିକୁ ଦିଆଯାଇପାରିବ ନାହିଁ ।

୨. ବୋର୍ଡର ଅନୁମୋଦନ ପରେ ଉପଧାରା-୧ ଅନୁସାରେ ଉପଯୁକ୍ତ ମନେ କରୁଥିବା ସେତେ ସଂଖ୍ୟକ ସଭ୍ୟଙ୍କୁ ଗଠିତ କମିଟିରେ ସାମିଲ କରିପାରିବେ। ମାତ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଥବା ଜଣେ ବୋର୍ଡ ନିର୍ଦ୍ଦେଶକ ଏହିପରି କମିଟିର ସଭ୍ୟ ରହିବେ।

୩. ଏହିଭଳି ପ୍ରତ୍ୟେକ କମିଟି, ବୋର୍ଡର ନିର୍ଦ୍ଦେଶ ଅନୁଯାୟୀ ନିର୍ଦ୍ଦିଷ୍ଟ କାର୍ଯ୍ୟକାଳ ଓ କାର୍ଯ୍ୟଧାରାରେ ଏହାର ସାଧାରଣ ତତ୍ତ୍ୱାବଧାନ, ନିର୍ଦ୍ଦେଶନା ଓ ନିୟନ୍ତ୍ରଣରେ କାର୍ଯ୍ୟ କରିବେ।

୪. କମିଟିର ସଭ୍ୟମାନଙ୍କୁ ଦେବାର ଥିବା ତାଙ୍କର ଦେୟ ଏବଂ ଭତ୍ତାର ପରିମାଣ ବୋର୍ଡ ସ୍ଥିର କରିଥାଏ।

୫. ପ୍ରତ୍ୟେକ କମିଟି ବୈଠକର ବିବରଣୀ ପ୍ରସ୍ତୁତ କରାଯାଇ ବୋର୍ଡର ପରବର୍ତ୍ତୀ ବୈଠକରେ ଉପସ୍ଥାପନ କରାଯାଏ ।



**ଅଭ୍ୟାସ:** କମ୍ପାନୀ ଆଇନ-୨୦୧୩ ଅର୍ନ୍ତଗତ ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ

| କ୍ର.ନ. | ମନ୍ତବ୍ୟ | ସତ୍ୟ / ମିଥ୍ୟା | ସେକ୍ସନ |
|---|---|---|---|
| ୧. | କମ୍ପାନୀ ତା'ର ବୋର୍ଡ/ପରିଷଦରେ ୧୩ ଜଣ ନିର୍ଦ୍ଦେଶକ ରଖିପାରିବେ। | | |
| ୨. | କମ୍ପାନୀ ବୋର୍ଡ ୧୫ ଜଣ ନିର୍ଦ୍ଦେଶକଙ୍କ ବ୍ୟତୀତ, ଅନ୍ୟ ଜଣେ ବ୍ୟକ୍ତିଙ୍କୁ ନିର୍ଦ୍ଦେଶକ ଭାବେ ସାମିଲ କରିପାରିବେ। | | |
| ୩. | ଉତ୍ପାଦକ କମ୍ପାନୀ ନାମ ପଞ୍ଜିକରଣ କରିସାରିଲା ପରେ ନିର୍ଦ୍ଦେଶକଙ୍କ ନିର୍ବାଚନ ଗୋଟିଏ ବର୍ଷ ମଧ୍ୟରେ କରା ଯାଇଥାଏ। | | |
| ୪. | ଜଣେ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ପୁରିଗଲା ପରେ ସେ ପୁନର୍ବାର ନିର୍ବାଚନରେ ଲଢିପାରିବେ। | | |
| ୫. | ଜଣେ ବୋର୍ଡର ସଭ୍ୟଙ୍କ କାର୍ଯ୍ୟକାଳ ଅତିବେଶୀରେ ୫ବର୍ଷ ହୋଇଥାଏ। | | |
| ୬. | ନିର୍ଦ୍ଦେଶକ ମାନଙ୍କର କାର୍ଯ୍ୟକାଳ ୨ ବର୍ଷ ହୋଇପାରେ। | | |
| ୭. | ଉତ୍ପାଦକ କମ୍ପାନୀରେ ନିର୍ଦ୍ଦେଶକମାନଙ୍କର ପଦବୀ ଖାଲି ପଡିଥାଏ ଯଦି ସେ ବାର୍ଷିକ ହିସାବ ଲଗାତାର ଭାବେ ୩ଟି ଆର୍ଥିକ ବର୍ଷ ପାଇଁ ଦାଖଲ କରିନାହାନ୍ତି। | | |
| ୮. | କମ୍ପାନୀ ତାର ଜମା ଅର୍ଥ ପଇଠ, ବୋନସ ଦେବାରେ ୧ବର୍ଷରୁ ଅଧିକ ବିଳମ୍ୱ କରିଥାଏ ସେ କ୍ଷେତ୍ରରେ ନିର୍ଦ୍ଦେଶକଙ୍କ ପଦବୀ ଖାଲିପଡେ। | | |
| ୯. | ଯଦି ବାଇଲରେ ଲେଖାଥିବ, ତା'ହେଲେ ସାମିଲ କରାଯାଇଥିବା ବା ନିଯୁକ୍ତି ଦିଆଯାଇଥିବା ନିର୍ଦ୍ଦେଶକ ସଭାପତି ଭାବେ ନିର୍ବାଚିତ ହେବା ପାଇଁ ଯୋଗ୍ୟ ହୋଇପାରିବେ। | | |
| ୧୦. | ଯଦି ନିର୍ବାଚନ ସମୟ ଅନୁସାରେ କରାଯାଇ ପାରିଲା ନାହିଁ, ତେବେ କମ୍ପାନୀ ଧାରା ଅନୁଯାୟୀ ଉତ୍ପାଦକ କମ୍ପାନୀର ନିର୍ଦ୍ଦେଶକ ପଦବୀ ଶୂନ୍ୟ ରହିବ। | | |

୩

# ବୋର୍ଡର ନିର୍ଦ୍ଦେଶକମଣ୍ଡଳୀର ବୈଠକ ପରିଚାଳନା

**ଅଧିବେଶନ ଉଦ୍ଦେଶ୍ୟ**



ବୈଠକର ଗୁରୁତ୍ୱକୁ ଅନୁଭବ କରିବା ଏବଂ ବୋର୍ଡର ବୈଠକ କିପରି ସଠିକ ଭାବରେ ପରିଚାଳନା କରିବା କଥା ଜାଣିବା ।

**ବିଷୟବସ୍ତୁ**

୧. ବୈଠକର ଗୁରୁତ୍ୱ

୨. ବୋର୍ଡ ବୈଠକର ବିଭିନ୍ନ ଦିଗ - ସଂଖ୍ୟା, କୋରମ, ନୋଟିସ, ନିଷ୍ପତ୍ତି ପ୍ରକ୍ରିୟା, କାର୍ଯ୍ୟସୂଚୀ

୩. ବୋର୍ଡ ବୈଠକରେ କର୍ମକର୍ତ୍ତାମାନଙ୍କର ପରିଚାଳନା କମିଟିର ଭୂମିକା ଏବଂ ଦାୟିତ୍ୱସମୂହ

୪. ବୋର୍ଡ ବୈଠକର ମୂଲ୍ୟାୟନ

## ବୈଠକର ଆବଶ୍ୟକତା ଏବଂ ଗୁରୁତ୍ୱ

ବୈଠକ ଗୋଷ୍ଠିଗତ ଅନୁଷ୍ଠାନ ଯଥା; କୃଷକ ଉତ୍ପାଦକ ସଙ୍ଗଠନ ଗଠନର ମୂଳ ଚାବିକାଠି ଅଟେ । କୃଷକ ଉତ୍ପାଦକ ସଙ୍ଗଠନରେ ଯେଉଁଠି ପ୍ରତ୍ୟେକ ସଭ୍ୟ ସମାନ ମତଦାନ ଦେବାର ଅଧିକାର ଅଛି, ସାମୂହିକ ନିଷ୍ପତ୍ତି ନେବାରେ ବୈଠକ ଗୁରୁତ୍ୱପୂର୍ଣ୍ଣ ଅଟେ । ଯୋଜନା, ନିଷ୍ପତ୍ତି ଗ୍ରହଣ ପାଇଁ ସଭ୍ୟସମୂହ, ନିର୍ଦ୍ଦେଶକଗଣ ଓ କର୍ମଚାରୀମାନଙ୍କୁ ବୈଠକ ଏକ ମଞ୍ଚ ଯୋଗାଇଥାଏ, ତେଣୁ ସେମାନେ ତାଙ୍କର ବିଭିନ୍ନ କାର୍ଯ୍ୟକୁ ପ୍ରଭାବୀ ଢଙ୍ଗରେ ସମ୍ପାଦନ କରିଥାନ୍ତି । ବୈଠକରେ ଭାଗନେବା ଫଳରେ ମଧ୍ୟ କୃଷକ ଉତ୍ପାଦକ ସଂଗଠନର ପ୍ରଗତି ବିଷୟରେ ସମୀକ୍ଷା କରାଯାଇପାରେ ଓ ଆବଶ୍ୟକୀୟ ସୂଚନା ପାଇପାରିବେ ।

କୃଷକ ଉତ୍ପାଦକ ସଙ୍ଗଠନ ୨ ପ୍ରକାର ବୈଠକର ଆୟୋଜନ କରିଥାଏ ।

କ) ନିର୍ଦ୍ଦେଶକମଣ୍ଡଳୀ ବୈଠକ

ଖ) ସାଧାରଣ ପରିଷଦ ବୈଠକ

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଉପରୋକ୍ତ ବୈଠକ ସବୁ କୃଷକ ଉତ୍ପାଦକ ସଙ୍ଗଠନରେ ପ୍ରଭାବୀ ଶାସନ ପାଇଁ କେବଳ ନୁହେଁ ମାତ୍ର ସେମାନେ ମଧ୍ୟ ଆଇନ ଅନୁଯାୟୀ ନିୟମ ପାଳନ କରିବାକୁ ହେବ । ତେଣୁ ଆସନ୍ତୁ, ଏହି ବୈଠକ ବିଷୟରେ ଅଧିକରୁ ଅଧିକ ଜାଣିବା । ପରିଷଦ ବୈଠକ ପରିଚାଳନା କିପରି ହୁଏ ଏବଂ ପରିଷଦ ବୈଠକର ବିଭିନ୍ନ ଦିଗଗୁଡ଼ିକୁ ନିମ୍ନରେ ପ୍ରଦାନ କରାଗଲା-




## ବୈଠକର ସଂଖ୍ୟା

କମ୍ପାନୀ ଆଇନ ୨୦୧୩ ଅନୁସାରେ ପରିଷଦ ଅତି କମ୍‌ରେ ୩ ମାସରେ ଥରେ ବୈଠକ କରିବେ । ଏହି ବୈଠକ ବର୍ଷକୁ ୪ ଥର କରାଯିବା ଉଚିତ୍ ।  ଯାହାହେଉ, ପରିଷଦ ପ୍ରତ୍ୟେକ ମାସରେ ନିର୍ଦ୍ଧାରିତ ତାରିଖରେ କୃଷକ ଉତ୍ପାଦକ ସଙ୍ଗଠନରେ ବୈଠକ କରିବା ଏକ ଭଲ ଅଭ୍ୟାସ ଯେଉଁଠି କୃଷକ ଉତ୍ପାଦକ ସଙ୍ଗଠନର ମୁଖ୍ୟ ବିଷୟରେ ଆଲୋଚନା କରିବା ପାଇଁ ଓ ସମୟାନୁସାରେ କୃଷକ ଉତ୍ପାଦକ ସଙ୍ଗଠନରେ କାର୍ଯ୍ୟକ୍ରମର ସମୀକ୍ଷା କରିବ ।


ଗୋଟିଏ ପରିଷଦ ବୈଠକରେ ଯୋଗ ଦେଇଥିବା ସଭ୍ୟମାନଙ୍କୁ ବସିବା ବାବଦରେ ଦେୟରାଶି ପ୍ରଦାନ କରାଯିବ। ସମୟାନ୍ତରରେ ସାଧାରଣ ସଭାରେ ବୈଠକ ଫି ବାବଦ ପରିମାଣ ସ୍ଥିର କରିବା ଉଚିତ୍।



**ବୈଠକ ତାରିଖ**



**ଉପସ୍ଥାନ**



**ସମୟ**



**କାର୍ଯ୍ୟସୂଚୀ**

### କୋରମ

କମ୍ପାନୀ ଆଇନ ୨୦୧୩ ଅନୁସାରେ ପରିଷଦ ବୈଠକରେ କୋରମ ଯେକୌଣସି ନିଷ୍ପତ୍ତି ନେବା ପାଇଁ ଅତି କମ୍‌ରେ ଆବଶ୍ୟକ ହେଉଥିବା ଯୋଗ୍ୟ ସଭ୍ୟ ହେଉଛି ମୋଟ ସଭ୍ୟଙ୍କ ଏକ ତୃତୀୟାଂଶ ଓ ଅତିକମ୍‌ରେ ୩ ଜଣଙ୍କ ଉପସ୍ଥିତି ଆବଶ୍ୟକ। କିନ୍ତୁ ବାଇଲ ଅନୁଯାୟୀ, ବୈଠକରେ ସମୁଦାୟ ନିର୍ଦ୍ଦେଶକଙ୍କ ମଧ୍ୟରୁ ଅଧା ନିର୍ଦ୍ଦେଶକ ଉପସ୍ଥିତ ରହିଲେ କୋରମ ହେବା ଲେଖାଯାଇପାରେ।

ସଭାପତି ବୋର୍ଡର ବୈଠକରେ ସଭାପତିତ୍ୱ କରିବେ। ଯଦି ସେ ଅନୁପସ୍ଥିତ ରୁହନ୍ତି, ତେବେ ନିର୍ଦ୍ଦେଶକମାନେ ନିର୍ବାଚିତ ଜଣେ ନିର୍ଦ୍ଦେଶକଙ୍କୁ ବାଛିବେ ଏବଂ ସେ ବୈଠକରେ ସଭାପତିତ୍ୱ କରିବେ ।

**ଉଦାହରଣ- ବୋର୍ଡ ବୈଠକର କାର୍ଯ୍ୟସୂଚୀ**

୧. ଶେଷ ବୈଠକର ବିବରଣୀର ଅନୁମୋଦନ

୨. ଗତ ମାସର କାର୍ଯ୍ୟକ୍ରମର ସମୀକ୍ଷା

୩. ବ୍ୟବସାୟିକ ନିଷ୍ପତ୍ତି (ଯଥା; ଦ୍ରବ୍ୟ କିଣାର ପରିମାଣ, ମୂଲ୍ୟ, ଯୋଗାଣ)

୪. ଆୟବ୍ୟୟର ଅଟକଳ ତୁଳନାରେ ବ୍ୟୟର ସମୀକ୍ଷା

୫. ରସିଦ ଓ ଅର୍ଥ ପ୍ରଦାନ ଏବଂ ଶେଷ ତ୍ରୈମାସକର ଆର୍ଥିକ ହିସାବ ଯାଞ୍ଚ କରିବା

୬. ପରବର୍ତ୍ତୀ ମାସ / ତ୍ରୈମାସିକ ଯୋଜନା ଓ ଅର୍ଥର ଅନୁମୋଦନ

୭. ଅନ୍ୟାନ୍ୟ ବିଷୟରେ ଆଲୋଚନା



## ବୈଠକ ପାଇଁ ନୋଟିସ




ଉତ୍ପାଦକ କମ୍ପାନୀ କ୍ଷେତ୍ରରେ ସାଧାରଣ ପରିଷଦ ବୈଠକ ସାତ ଦିନ ମଧ୍ୟରେ କରିବାକୁ ଲିଖିତ ନୋଟିସ ଦିଆଯିବ (ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନୋଟିସ୍ ଦେବେ) ଜରୁରୀ ପରିସ୍ଥିତିରେ ଏହା ସ୍ୱଳ୍ପ ସମୟ ମଧ୍ୟରେ ଡକାଯାଇ ପାରିବ ଓ ଏହାର କାରଣ ପରିଷଦର ବିବରଣୀ ଖାତାରେ ଲେଖାଯିବା ଉଚିତ୍ ।

ମାକ୍ସ କ୍ଷେତ୍ରରେ, ଅସାଧାରଣ ବା ସ୍ୱତନ୍ତ୍ର ସଭା ବ୍ୟତୀତ, ବୋର୍ଡ ସଭା ପାଇଁ ନୋଟିସ ଦିଆଯାଇ ନଥାଏ, କାରଣ ଏହାର ତାରିଖ ଅଥବା ସ୍ଥାନ ବା ସମୟରେ ପରିବର୍ତ୍ତନ ଯୋଗୁ ଆବଶ୍ୟକ ହୋଇଯାଏ । ଏ କ୍ଷେତ୍ରରେ ଏହା ସମ୍ପାଦକଙ୍କ ଦାୟିତ୍ୱ ସେ ସଭାପତିଙ୍କ ସହ ପରାମର୍ଶ କରି ପରିଷଦର ସମସ୍ତ ସଭ୍ୟମାନଙ୍କୁ ପରିବର୍ତ୍ତନ ବିଷୟରେ ବ୍ୟକ୍ତିଗତ ଭାବେ ବା ପ୍ରତିନିଧି ମାଧ୍ୟମରେ ଜଣାଇଥାନ୍ତି ।

## ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା

ବୋର୍ଡର ପ୍ରତ୍ୟେକ ସଭ୍ୟ ଗୋଟିଏ ଭୋଟ ଦେବେ । ବୋର୍ଡ ବୈଠକରେ ଉପସ୍ଥିତ ଅଧିକାଂଶ ନିର୍ଦ୍ଦେଶକଙ୍କ ଭୋଟ ଦ୍ୱାରା ନିଷ୍ପତ୍ତି ଗ୍ରହଣ କରାଯାଏ । ଯଦି ଭୋଟ ସମାନ ସମାନ ହୋଇଗଲା, ତେବେ ସଭାପତିଙ୍କ ନିର୍ବାଚନ ବ୍ୟତୀତ, ସଭାର ସଭାପତି ତାଙ୍କ ନିଜର ଭୋଟ ସହିତ ଅତିରିକ୍ତ ଗୋଟିଏ ଭୋଟ ଦେବେ । ଯଦି ସଭାପତି ନିର୍ବାଚନରେ ଭୋଟ ସମାନ ସମାନ ହୋଇଗଲା, ତାହାଲେ ଲଟେରୀ ମାଧ୍ୟମରେ ନିଷ୍ପତ୍ତି କରାଯିବ ।

ଆଲୋଚିତ ହେଉଥିବା ବିଷୟରେ ଯଦି କୌଣସି ସଭ୍ୟଙ୍କର ବ୍ୟକ୍ତିଗତ ହିତ ଥାଏ, ତାହେଲେ ସେ ଭୋଟ ଦେଇପାରିବେ ନାହିଁ । ପରିଷଦ ବୈଠକର ନିଷ୍ପତ୍ତିସବୁ ବୈଠକ ଖାତାରେ ଲିପିବଦ୍ଧ କରାଯିବ । ବୋର୍ଡର ବୈଠକ ଶେଷ ହେବା ପରେ ବିବରଣୀ ଲେଖା ହେବା ପର୍ଯ୍ୟନ୍ତ ସଭ୍ୟମାନେ ଅପେକ୍ଷା କରିବେ ଏବଂ ପ୍ରସ୍ତାବିତ ତଥ୍ୟଗୁଡିକ ସନ୍ତୋଷଜନକ ଥିଲେ ସଭା ବହିରେ ଦସ୍ତଖତ କରିବେ ।

## ବୋର୍ଡ ବୈଠକରେ କର୍ମକର୍ତ୍ତା ଏବଂ ବୋର୍ଡ ସଭ୍ୟମାନଙ୍କର ଭୂମିକା ଓ ଦାୟିତ୍ୱସମୂହ

**ଚେୟାରମ୍ୟାନ/ସଭାପତି –** ବୈଠକରେ ସଭାପତିତ୍ୱ କରିବେ। ବୈଠକରେ ନିଷ୍ପତ୍ତି ହୋଇଥିବା ପ୍ରସ୍ତାବ ଗୁଡିକ ସଭା ବହିରେ ଲେଖାଯିବ ଏବଂ ବୋର୍ଡ ଏହାକୁ କିପରି ରୂପାୟନ କରିବେ ସଭାପତି ସୁନିଶ୍ଚିତ କରାଇବେ।

**ସମ୍ପାଦକ-** ସେ କୃଷକ ଉତ୍ପାଦକ ସଙ୍ଗଠନର ଅଗ୍ରଗତି ବିଷୟରେ ବୋର୍ଡର ସଭ୍ୟମାନଙ୍କ ନିକଟରେ ଉପସ୍ଥାପନ କରିବେ। ସେ ମଧ୍ୟ ସିଇଓ/ଜେନେରାଲ ମ୍ୟାନେଜରଙ୍କ ସହାୟତାରେ ଆର୍ଥିକ ବିବରଣୀ ବୋର୍ଡ ସଭ୍ୟଙ୍କ ନିକଟରେ ଉପସ୍ଥାପନା କରିବେ। ସେ ବୋର୍ଡ ସଭାରେ ନିଆଯାଇଥିବା ସମସ୍ତ ନିଷ୍ପତ୍ତି ସଭା ଖାତାରେ ଲେଖିବା ଉଚିତ୍ ଓ ସବୁ ବୋର୍ଡ ସଭ୍ୟମାନଙ୍କୁ ସଭାର ବିବରଣୀ ବଣ୍ଟନ କରିବା ତାଙ୍କର ଦାୟିତ୍ୱ।

**କୋଷାଧ୍ୟକ୍ଷ-** ପ୍ରତି ମାସରେ ଆଭ୍ୟନ୍ତରୀଣ ଅଡିଟ ନିଶ୍ଚୟ କରାଇବେ। ଆଭ୍ୟନ୍ତରୀଣ ଅଡିଟ ବିବରଣୀ ବୋର୍ଡର ସଭାରେ ସଭ୍ୟମାନଙ୍କ ନିକଟରେ ଉପସ୍ଥାପନ କରିବେ।

**ସିଇଓ/ଜେନେରାଲ ମ୍ୟାନେଜର-** ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ବୈଠକରେ ଉପସ୍ଥାପନା କରିବେ ଯଥା; ଆର୍ଥିକ ସ୍ଥିତି, ପାଇବାକୁ ଥିବା ରାଶି, ଦେୟ, ବ୍ୟବସାୟିକ କାର୍ଯ୍ୟକଳାପ, ସେବା ପ୍ରଦାନ, ବୋର୍ଡର ଉପ-କମିଟିର ଅଗ୍ରଗତି ଇତ୍ୟାଦି ସମସ୍ତ ବିଷୟରେ ଆବଶ୍ୟକୀୟ ସୂଚନା ଉପଲବ୍ଧ କରାଇବା। ବୈଠକ ପରିଚାଳନା କରିବା ପାଇଁ ଆବଶ୍ୟକୀୟ ବସିବା, ଖାଦ୍ୟପେୟ ଏବଂ ଅନ୍ୟାନ ବ୍ୟବସ୍ଥାର ବନ୍ଦୋବସ୍ତ ହେବା ସୁନିଶ୍ଚିତ କରାଇବା ।

### କାର୍ଯ୍ୟ - ବୋର୍ଡ ବୈଠକର ମୂଲ୍ୟାୟନ

କୃଷକ ଉତ୍ପାଦକ ସଙ୍ଗଠନ ବୋର୍ଡ ବୈଠକର ବିଭିନ୍ନ ଦିଗ ନିମ୍ନରେ ପ୍ରଦାନ କରାଗଲା। କୃଷକ ଉତ୍ପାଦକ ସଙ୍ଗଠନର ବୋର୍ଡ ବୈଠକକୁ ବିଭିନ୍ନ ଦିଗରୁ ଏହି ମାପକାଠି ଚିହ୍ନିତ କରିବା।

Y (ହଁ- ହଁ)- ଏହା ଗୋଟିଏ ସମସ୍ୟା ନୁହେଁ।

U (ଇଉ)– ମୁଁ ଅନିଶ୍ଚିତତା ଅନୁଭବ କରୁଛି ଏବଂ ଉନ୍ନତି ପାଇଁ ଆଉ କିଛି ବ୍ୟବସ୍ଥା ଆବଶ୍ୟକ।

N (ନା'-ନା')- ପରିବର୍ତ୍ତନର ଆବଶ୍ୟକତା ଅଛି।

| କ୍ର. ସଂ | ପରିସ୍ଥିତି | ଯେକୌଣସି ଗୋଟିକରେ ଗୋଲ ବୁଲାଅ | | |
|---|---|---|---|---|
| ୧ | ବୈଠକର ନୋଟିସ ଏବଂ କାର୍ଯ୍ୟସୂଚୀ ନିର୍ଦ୍ଦେଶକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ | Y | U | N |
| ୨ | ବୈଠକ ପାଇଁ ଆବଶ୍ୟକୀୟ ପରିବେଶ (ବସିବା, ଆଲୋକ ଇତ୍ୟାଦି) | Y | U | N |
| ୩ | ସମୟ ଅନୁସାରେ ବୈଠକ କରିବା | Y | U | N |
| ୪ | ସମସ୍ତ ଆବଶ୍ୟକୀୟ ବିଷୟ ଆଲୋଚନା ପାଇଁ ବୈଠକର କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରାଯାଇଥାଏ । | Y | U | N |
| ୫ | ସଭାପତି ଆଲୋଚନାକୁ ଆଗେଇ ନେଇଥାନ୍ତି, ସବୁ ନିର୍ଦ୍ଦେଶକମାନଙ୍କ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରିଥାନ୍ତି, ବିଷୟ ସମ୍ପର୍କିତ ଆଲୋଚନାକୁ ଫଳପ୍ରଦ କରିବା ନିଶ୍ଚିତ କରିଥାନ୍ତି । | Y | U | N |
| ୬ | ବିବରଣୀ ସଠିକ ଭାବରେ ଲିପିବଦ୍ଧ କରାଯିବ, ବୋର୍ଡର ସଭ୍ୟମାନଙ୍କ ଦ୍ୱାରା ଦସ୍ତଖତ ଏବଂ ସମସ୍ତଙ୍କୁ ବଣ୍ଟନ କରାଯିବ | Y | U | N |
| ୭ | ବୋର୍ଡ ବୈଠକରେ ପ୍ରତ୍ୟେକ ନିର୍ଦ୍ଦେଶକ ଅଂଶଗ୍ରହଣ କରି ନିଜର ମତାମତ ରଖିବେ । ଅନ୍ୟ କେତେକ ନିର୍ଦ୍ଦେଶକ ଅଧିକାଂଶ ଆଲୋଚନାକୁ ନିୟନ୍ତ୍ରଣ କରୁ ନଥିବେ । | Y | U | N |
| ୮ | ବାହାର ବ୍ୟକ୍ତି କିମ୍ବା ଅନୁଷ୍ଠାନର ବିନା ନିୟନ୍ତ୍ରଣରେ, କେବଳ ଆଭ୍ୟନ୍ତରୀଣ ଭାବେ ନିଷ୍ପତ୍ତି ଗ୍ରହଣ କରାଯାଇଥାଏ । | Y | U | N |
| ୯ | ସମସ୍ତ ନିଷ୍ପତ୍ତି, ନିୟମପାଳନ କରି ପରିଷଦର ସାଧାରଣ ବୈଠକରେ, ଗ୍ରହଣ କରାଯିବ । | Y | U | N |
| ୧୦ | ଆବଶ୍ୟକୀୟ କୋରମ ଅପେକ୍ଷା ପରିଷଦ ବୈଠକରେ ଅଧିକ ସଭ୍ୟମାନଙ୍କର ଉପସ୍ଥିତି ଗୁରୁତ୍ୱପୂର୍ଣ୍ଣ | Y | U | N |

ନିମ୍ନଲିଖିତ ଶୂନ୍ୟସ୍ଥାନ ପୂରଣ କରି ସାରାଂଶ କର–

Y ଗ୍ରହଣ କରିଥିବା ସଂଖ୍ୟା... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...

U ଗ୍ରହଣ କରିଥିବା ସଂଖ୍ୟା... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...

N ଗ୍ରହଣ କରିଥିବା ସଂଖ୍ୟା... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...

ସେହି ବିଷୟ / ଦିଗଗୁଡିକ ଚିହ୍ନଟ କର, ଯେଉଁଥିରେ ତୁମେ ଅନୁଭବ କରୁଛ ଅଧିକ ପ୍ରଶିକ୍ଷଣ / ଉନ୍ନତି ଆବଶ୍ୟକ ।

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

ଅଭ୍ୟାସ – ଆମେ ବୋର୍ଡ ବୈଠକର ବିଷୟକୁ ଉଦାହରଣ ହିସାବରେ ନେବା, ବୋର୍ଡ ବୈଠକ ପରିଚାଳନା ବିଷୟରେ ବିଶଦ ଭାବେ ଆଲୋଚନା କରିବା। ତା'ପରେ, ଆମେ ବିଶଦ ଆଲୋଚନା କରିବା ଦରକାର ଯେ, ଆମର ବୋର୍ଡ ସଭା କେତେଦୂର ପର୍ଯ୍ୟନ୍ତ ନିୟମସବୁ ପାଳନ କରୁଅଛୁ, କ'ଣ ସବୁ ସଂଶୋଧନ / ଉନ୍ନତି ଆବଶ୍ୟକ ଇତ୍ୟାଦି।



## ୪

# ବାର୍ଷିକ ସାଧାରଣ ପରିଷଦ ବୈଠକ ପରିଚାଳନା

### ଅଧିବେଶନ ଉଦ୍ଦେଶ୍ୟ



କୃଷକ ଉତ୍ପାଦକ ସଙ୍ଗଠନର ସାଧାରଣ ପରିଷଦ ବୈଠକର ବିଭିନ୍ନ ଦିଗ ବିଷୟରେ ଅବଗତ ହେବା/ବୁଝିବା ।

### ବିଷୟବସ୍ତୁ

୧. କୃଷକ ଉତ୍ପାଦକ ସଙ୍ଗଠନର ସାଧାରଣ ପରିଷଦର ବୈଠକସମୂହ

୨. ବାର୍ଷିକ ସାଧାରଣ ପରିଷଦ ବୈଠକ- ସମୟ, କୋରମ, ନୋଟିସ, ନଥିପତ୍ର

୩. ବାର୍ଷିକ ବିବରଣୀ

୪. ଆୟକର, ଜିଏସ୍‌ଟି, ବାର୍ଷିକ ବିବରଣୀ ଇତ୍ୟାଦି ଦାଖଲ କରିବା ।

୫. ସ୍ୱତନ୍ତ୍ର ସାଧାରଣ ବୈଠକ

## ସାଧାରଣ ବୈଠକ

କୃଷକ ଉତ୍ପାଦକ ସଙ୍ଗଠନର ସାଧାରଣ ବୈଠକ ହେଉଛି ସମସ୍ତ ଅଂଶୀଦାର ସଭ୍ୟଙ୍କର ସଭା। ଦୁଇ ପ୍ରକାର ସାଧାରଣ ସଭା ହୋଇଥାଏ।

ବାର୍ଷିକ ସାଧାରଣ ବୈଠକ- ଏହା ବର୍ଷକୁ ଥରେ ହୋଇଥାଏ ।

ସ୍ୱତନ୍ତ୍ର ସାଧାରଣ ବୈଠକ– ବୋର୍ଡ ଯେକୌଣସି ସମୟରେ କିମ୍ବା ଜରୁରୀକାଳୀନ ପରିସ୍ଥିତିରେ କିମ୍ବା କୌଣସି ବିଷୟରେ ଆଲୋଚନା କରିବା ପାଇଁ ଏହି ବୈଠକ ଡାକିପାରିବ।



କୃଷକ ଉତ୍ପାଦକ ସଙ୍ଗଠନରେ ଆର୍ଥିକ ବର୍ଷ ଶେଷ ହେବାର ୬ ମାସ ପୂର୍ବରୁ ବର୍ଷରେ ଅତିକମରେ ଗୋଟିଏ ବାର୍ଷିକ ସାଧାରଣ ବୈଠକ କରିବା ବୋର୍ଡର ଦାୟିତ୍ୱ ଅଟେ। ଏଥିସହ ଆଇନରେ ଉଲ୍ଲେଖ କରାଯାଇଛି ଯେ କୃଷକ ଉତ୍ପାଦକ ସଙ୍ଗଠନର ବ୍ୟବସାୟିକ କାର୍ଯ୍ୟକଳାପ ସାଧାରଣ ସଭାରେ ଦାଖଲ କରିବାକୁ ପଡିବ। ବୋର୍ଡ ମଧ୍ୟ ସାଧାରଣ ପରିଷଦରେ ବାର୍ଷିକ ରିପୋର୍ଟ, ଆର୍ଥିକ ବିବରଣୀ, ବାର୍ଷିକ ଅଡିଟ ବିବରଣୀ ଏବଂ ବଜେଟ ପ୍ରସ୍ତାବ ଦାଖଲ କରିବେ।

## ବାର୍ଷିକ ସାଧାରଣ ବୈଠକ

ଏହା, କୃଷକ ଉତ୍ପାଦକ ସଙ୍ଗଠନର ଉଦ୍ଦେଶ୍ୟ ହାସଲ କରିବା ପାଇଁ ଏହାର ସଦସ୍ୟମାନଙ୍କ ଦ୍ୱାରା ଗଠିତ, ଏକ ଅନୁଷ୍ଠାନ। ଯୋଜନାଗୁଡିକ ପ୍ରସ୍ତୁତ କରିବା ଏବଂ କାର୍ଯ୍ୟକାରୀତା ସମ୍ପର୍କରେ ସମୀକ୍ଷା କରିବା ପାଇଁ ବର୍ଷକୁ ଥରେ ସମସ୍ତେ ମିଶିବା ଅତି ଆବଶ୍ୟକ।




କୃଷକ ଉତ୍ପାଦକ ସଙ୍ଗଠନର ଅଗ୍ରଗତି ଓ କାର୍ଯ୍ୟକଳାପକୁ ସାଧାରଣ ପରିଷଦରେ ଆଲୋଚନା କରିବା ଏବଂ ଏହାର ଅନୁମୋଦନ ପାଇବା ଆବଶ୍ୟକ। କୃଷକ ଉତ୍ପାଦକ ସଙ୍ଗଠନ ସହିତ ସଂପୃକ୍ତ ସମସ୍ତ ଚୂଡାନ୍ତ ନିଷ୍ପତ୍ତି ନେବା କେବଳ ସାଧାରଣ ପରିଷଦର କ୍ଷମତା ରହିବ।

**ବୈଠକ ପାଇଁ ତାରିଖ ନିଷ୍ପତ୍ତି:** ସମସ୍ତ ସଭ୍ୟ ବୈଠକରେ ଯୋଗଦେବା ପାଇଁ ତାରିଖଟି ସୁବିଧାଜନକ ହେଉଥିବ। ଉଦାହରଣ ସ୍ୱରୂପ; ଯଦି କୃଷି ସମୟରେ ଏହି ସଭା ଅନୁଷ୍ଠିତ ହୁଏ, ତେବେ ଅନେକ ସଦସ୍ୟ ଯୋଗଦାନ କରିପାରିବେ ନାହିଁ। ସେଥିପାଇଁ ଏହା କାମ ନଥିବା ସମୟରେ ବା ଅଫ୍ ସିଜିନରେ ହେବା ଆବଶ୍ୟକ। କିନ୍ତୁ ଆର୍ଥିକବର୍ଷ ଶେଷ ହେବା ପରେ ଏହି ବୈଠକ/ସଭା ଶୀଘ୍ର କରାଯିବା ଦରକାର।

**ଯୋଗ୍ୟ ସଦସ୍ୟଙ୍କ ତାଲିକା-** ଯେଉଁମାନେ ସଞ୍ଚୟ ଏବଂ ଋଣ ରାଶି ପ୍ରଦାନରେ ଅନିୟମିତତା କରନ୍ତି ଏବଂ ବୈଠକ ତାରିଖ ପର୍ଯ୍ୟନ୍ତ ସଭ୍ୟ ଦେୟ ପ୍ରଦାନ କରିନାହାନ୍ତି, ଯଦିଓ ବୈଠକରେ ଯୋଗଦାନ କରନ୍ତି, ସେମାନେ ଭୋଟ୍ ଦେବାକୁ କିମ୍ବା ଆଲୋଚନାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ହେବେ ନାହିଁ। ସେହିଭଳି, ସେହି ସଦସ୍ୟମାନେ, ଯେଉଁମାନେ କୃଷକ ଉତ୍ପାଦକ ସଙ୍ଗଠନ ସହିତ ସର୍ବନିମ୍ନ ସେବା ପ୍ରଦାନ କରନ୍ତି ନାହିଁ, ସେମାନେ ମଧ୍ୟ ଅଯୋଗ୍ୟ ଅଟନ୍ତି। ସାଧାରଣ ବୈଠକ ତାରିଖ ପୂର୍ବରୁ ନୋଟିସ ବୋର୍ଡରେ ବୈଠକରେ ଆଲୋଚନାରେ ଭାଗ ନେବାକୁ ଯୋଗ୍ୟତା ତଥା ଅଯୋଗ୍ୟ ସଦସ୍ୟଙ୍କ ନାମ ପ୍ରଦର୍ଶିତ ହେବା ଆବଶ୍ୟକ।



**ବାର୍ଷିକ ବିବରଣୀ-** କୃଷକ ଉତ୍ପାଦକ ସଙ୍ଗଠନର ବାର୍ଷିକ ବିବରଣୀ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ବା ଦଲିଲ ଏବଂ ଏହାକୁ ପ୍ରତ୍ୟେକ ଆର୍ଥିକ ବର୍ଷ ଶେଷରେ ପ୍ରସ୍ତୁତ କରିବାକୁ ପଡିବ। ପୂର୍ବ ବର୍ଷର କୃଷକ ଉତ୍ପାଦକ ସଙ୍ଗଠନର କାର୍ଯ୍ୟର ବିବରଣୀ, ହାସଲ ହୋଇଥିବା ଅଗ୍ରଗତି ବିବରଣୀରେ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ।

**ସାଧାରଣତଃ, ବାର୍ଷିକ ବିବରଣୀରେ ନିମ୍ନଲିଖିତ ବିଷୟବସ୍ତୁ ରହିଥାଏ**

- ବୋର୍ଡ ସଦସ୍ୟମାନଙ୍କ ବିଷୟରେ- ସଂଖ୍ୟା, ନାମ, ପଦବୀ, ଅବଧି, ପୂର୍ବ ବର୍ଷର ବୋର୍ଡ ବୈଠକରେ ସେମାନଙ୍କ ଉପସ୍ଥାନ, କାରବାର ଏବଂ ପାଉଣା ରାଶି ।
- ସଭ୍ୟଙ୍କ ବିଷୟରେ– ସଂଖ୍ୟା, ନୂତନ ଭାବେ ସଦସ୍ୟତା ଗ୍ରହଣ କରିଥିବା ସଦସ୍ୟ, ଯେଉଁମାନେ ସଦସ୍ୟତା ପ୍ରତ୍ୟାହାର କରିଛନ୍ତି ଇତ୍ୟାଦି
- ଚଳିତ ବର୍ଷରେ କୃଷକ ଉତ୍ପାଦକ ସଙ୍ଗଠନର କାର୍ଯ୍ୟକଳାପର ଅଗ୍ରଗତି ।
- ସଦସ୍ୟମାନଙ୍କୁ ପ୍ରଦାନ କରାଯାଇଥିବା ସେବା ଏବଂ ଶିକ୍ଷା ଉପରେ ବିସ୍ତୃତ ବିବରଣୀ
- ଏହି ବର୍ଷରେ କୃଷକ ଉତ୍ପାଦକ ସଙ୍ଗଠନ ସହିତ ସଭ୍ୟମାନଙ୍କର ବ୍ୟବସାୟ ଓ କାରବାରର ବିବୃତ୍ତି
- କର୍ମଚାରୀଙ୍କ ବିବରଣୀ – ନାମ, ସେମାନଙ୍କର ପଦବୀ
- ଆର୍ଥିକ ବିବରଣୀ – ଅଡିଟ ହୋଇଥିବା ବାଲାନ୍ସ ସିଟ, ଲାଭ ଏବଂ କ୍ଷତିର ବିବରଣୀ ସହିତ ଅଡିଟରଙ୍କ ଟିପ୍ପଣୀ
- କୃଷକ ଉତ୍ପାଦକ ସଙ୍ଗଠନକୁ ବାହ୍ୟ ସଙ୍ଗଠନର ସହାୟତା
- ସଦସ୍ୟଙ୍କ ଦ୍ୱାରା ନିଆଯାଇଥିବା ସେବାକୁ ଓ ବାହ୍ୟ ସଂସ୍ଥାରୁ ମିଳିଥିବା ସହାୟତାକୁ ସ୍ୱୀକାର କରି ବିବରଣୀ ଶେଷରେ ଧନ୍ୟବାଦ ଦିଆଯିବା ଦରକାର।

ସର୍ବଶେଷରେ ବାର୍ଷିକ ବିବରଣୀଟିକୁ ଉଚ୍ଚ ସ୍ୱରରେ ପଢିବେ ଓ ଏହାର ଅନୁମୋଦନ ପରେ ଏହାର ନକଲ ପ୍ରତ୍ୟେକ ସଭ୍ୟଙ୍କୁ ପ୍ରଦାନ କରାଯିବ।

# କମ୍ପାନୀ ଆଇନ ୨୦୧୩ ରେ କୃଷକ ଉତ୍ପାଦକ ସଙ୍ଗଠନର ବାର୍ଷିକ ସାଧାରଣ ସଭା (ଏଜିଏମ) ସମ୍ବନ୍ଧୀୟ ବ୍ୟବସ୍ଥା

ପ୍ରତିବର୍ଷ ବାର୍ଷିକ ସାଧାରଣ ବୈଠକର ଚଉଦ ଦିନ ପୂର୍ବରୁ ଲିଖିତ ନୋଟିସ ଦେଇ ଡକାଯିବ। ଲିଖିତ ଆକାରରେ ବୈଠକର ତାରିଖ, ସମୟ ଏବଂ ସ୍ଥାନ ଦର୍ଶାଇ ସାଧାରଣ ବୈଠକର ବିଜ୍ଞପ୍ତି ଉତ୍ପାଦକ କମ୍ପାନୀର ପ୍ରତ୍ୟେକ ସଦସ୍ୟ ଏବଂ ଅଡିଟରଙ୍କ ନିକଟକୁ ପଠାଯିବ। ବାର୍ଷିକ ସାଧାରଣ ସଭାକୁ ଡାକିବା ପାଇଁ ନୋଟିସ୍ ସହିତ ନିମ୍ନଲିଖିତ ଦଲିଲଗୁଡିକ ପଠାଯିବ ଯଥା;




- ବାର୍ଷିକ ସାଧାରଣ ସଭା ପାଇଁ କାର୍ଯ୍ୟସୂଚୀ
- ପୂର୍ବ ବାର୍ଷିକ ସାଧାରଣ ସଭାର ବିବରଣୀ କିମ୍ବା ଅସାଧାରଣ ବୈଠକର ବିବରଣୀ
- ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ନାମ ଯଦି ଥାଏ, ପ୍ରତ୍ୟେକ ପ୍ରାର୍ଥୀଙ୍କ ଯୋଗ୍ୟତା ବିବରଣୀ ସହ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ପଠାଯିବ।
- ଅଡିଟରଙ୍କ ନିଯୁକ୍ତି ପାଇଁ କଚ୍ଚା ପ୍ରସ୍ତାବ
- ସାଧାରଣ ସଭାର ବିଚାର ନିମନ୍ତେ ବାଇଲ ବା ନିୟମକାନୁନର ସଂଶୋଧନ ପ୍ରସ୍ତାବ ବୋର୍ଡର ଅନୁମୋଦନ ସହ।
- ଉତ୍ପାଦକ କମ୍ପାନୀର ଅଡିଟ ହୋଇଥିବା ସମତୁଳ ଫର୍ଦ୍ଦ/ବାଲାନ୍ସ ସିଟ ଏବଂ ଲାଭ କ୍ଷତିର ହିସାବ ଓ ତା' ସହିତ କମ୍ପାନୀର ନିର୍ଦ୍ଦେଶକ ବୋର୍ଡର ଏକ ବିବରଣୀ ଯେଉଁଥିରେ ବିଷୟସବୁ ଥିବ –
    - ଉତ୍ପାଦକ କମ୍ପାନୀର ସ୍ଥିତି
    - ଗଚ୍ଛିତ ସଂରକ୍ଷଣ ପାଇଁ କରିବାକୁ ପ୍ରସ୍ତାବିତ ରାଶିର ପରିମାଣ
    - ଅଂଶଧନ ଉପରେ ସିମୀତ ଫେରସ୍ତ ହିସାବରେ ପ୍ରଦାନ କରାଯିବାକୁ ଥିବା ରାଶିର ପରିମାଣ
    - ପୃଷ୍ଠପୋଷକତା ବୋନସ ଭାବରେ ପ୍ରଦାନ କରିବାକୁ ଥିବା ପ୍ରସ୍ତାବିତ ରାଶିର ପରିମାଣ
    - ସାମଗ୍ରିକ ପରିବର୍ତ୍ତନ ଏବଂ ପ୍ରତିଶୃତି ଯଦି ଉତ୍ପାଦକ କମ୍ପାନୀର ଆର୍ଥିକ ସ୍ଥିତିକୁ ପ୍ରଭାବିତ କରୁଥିବ ଯାହା ଯଦି ଉତ୍ପାଦକ କମ୍ପାନୀର ବାର୍ଷିକ ହିସାବ ତାରିଖ ସହିତ ବାଲାନ୍ସ ସିଟ ସମ୍ବନ୍ଧିତ ଏବଂ ବୋର୍ଡର ରିପୋର୍ଟ ତାରିଖ ମଧ୍ୟରେ ଘଟିଥାଏ।
- ଯେକୌଣସି ଅନ୍ୟ ବିଷୟ ଯାହାର ଆବଶ୍ୟକତା ପଡିପାରେ ଓ ବୋର୍ଡ ଦ୍ୱାରା ଉଲ୍ଲେଖ କରାଯାଇଥିବ।

### କୋରମ

ଯଦି ଉତ୍ପାଦକ କମ୍ପାନୀର ବାଇଲରେ ଅଧିକ ସଂଖ୍ୟକ ସଭ୍ୟ କଥା କୁହାଯାଇ ନାହିଁ, ତେବେ ଉତ୍ପାଦକ କମ୍ପାନୀର ମୋଟ ସଭ୍ୟ ସଂଖ୍ୟାର ଏକ ଚତୁର୍ଥାଂଶ ଏହାର ବାର୍ଷିକ ସାଧାରଣ ସଭା ପାଇଁ କୋରମ ହେବ।




ଯେଉଁ କ୍ଷେତ୍ରରେ ଉତ୍ପାଦକ ଅନୁଷ୍ଠାନ ଦ୍ୱାରା ଏକ ଉତ୍ପାଦକ କମ୍ପାନୀ ଗଠନ ହୋଇଥାଏ, ସେହି ଅନୁଷ୍ଠାନଗୁଡିକ ସେମାନଙ୍କର ଅଧ୍ୟକ୍ଷ କିମ୍ବା ମୁଖ୍ୟ କାର୍ଯ୍ୟନିର୍ବାହୀ ମାନଙ୍କ ମାଧ୍ୟମରେ ସାଧାରଣ ପରିଷଦରେ ପ୍ରତିନିଧିତ୍ୱ କରିବେ, ଯେଉଁମାନେ ଅନୁଷ୍ଠାନ ତରଫରୁ କାର୍ଯ୍ୟ କରିବାକୁ ଯୋଗ୍ୟ।

### ବୋର୍ଡ ଦ୍ୱାରା ଡକାଯାଇଥିବା ଅସାଧାରଣ ସଭା

ବାର୍ଷିକ ସାଧାରଣ ବୈଠକ ବ୍ୟତୀତ ପ୍ରତ୍ୟେକ ସାଧାରଣ ସଭା ଏକ ଅସାଧାରଣ ସଭା ଅଟେ। କିଛି ଜରୁରୀ ବ୍ୟବସାୟ ସମ୍ବନ୍ଧରେ ଆଲୋଚନା କରିବା ପାଇଁ ଏହାକୁ ସାଧାରଣତଃ ବୋର୍ଡ ଦ୍ୱାରା ଡକାଯାଏ। ଏହା ପରବର୍ତ୍ତୀ ବାର୍ଷିକ ବୈଠକ ପୂର୍ବରୁ ଡାକିବାକୁ ପଡିବ। କମ୍ପାନୀ ଆଇନରେ ଦିଆଯାଇଥିବା ବ୍ୟବସ୍ଥା ଅନୁଯାୟୀ ନିର୍ଦ୍ଦେଶକ ବୋର୍ଡ ଏକ ଅସାଧାରଣ ବୈଠକ ଡାକିବ।




ଅଭ୍ୟାସ- ଆସନ୍ତୁ, ଆମର କୃଷକ ଉତ୍ପାଦକ ସଙ୍ଗଠନ ଗତ ସାଧାରଣ ବୈଠକଟିର ପ୍ରଣାଳୀ ଓ ଏହାକୁ କିପରି ଭାବେ ପରିଚାଳନା କରାଯାଇଥିଲା ତାହା ଆଲୋଚନା କରିବା। ଆସନ୍ତୁ ଏହା ଉପରେ ଆଲୋଚନା କରିବା ଓ ଯାଞ୍ଚ କରିବା ଯେ, ଏହା ଆଇନ୍, ବାଇଲ ଓ ଉତ୍ତମ ଅଭ୍ୟାସ ଅନୁଯାୟୀ ପରିଚାଳିତ ହୋଇଛି କି ନାହିଁ।

**ବାର୍ଷିକ ଫେରସ୍ତ-** ରିଟର୍ନ ଦାଖଲ ପ୍ରତ୍ୟେକ ବାର୍ଷିକ ସାଧାରଣ ବୈଠକ ସହିତ ନିର୍ଦ୍ଦେଶକଙ୍କ ବିବରଣୀ, ଅଡିଟ ହୋଇଥିବା ବାଲାନ୍ସ ସିଟ, ଲାଭ ଏବଂ କ୍ଷତିର ହିସାବ ବାର୍ଷିକ ସାଧାରଣ ବୈଠକ ହୋଇଥିବା ତାରିଖର ୬୦ ଦିନ ଭିତରେ ରେଜିଷ୍ଟ୍ରାରଙ୍କ ନିକଟରେ ଦାଖଲ କରାଯିବ। ଅଧିନିୟମ ଅନୁସାରେ ବାର୍ଷିକ ଦେୟ ଏବଂ ଫାଇଲ ଫି ଫେରସ୍ତ କରିବେ ।

**ସଂଲଗ୍ନ-** ବାର୍ଷିକ ସାଧାରଣ ବୈଠକର କାଗଜପତ୍ର / ଦଲିଲସମୂହ

# ଉତ୍ପାଦକ କମ୍ପାନୀ ଲିମିଟେଡ୍ ନୋଟିସ
# ପ୍ରଥମ ସାଧାରଣ ପରିଷଦ ବୈଠକ

**ତାରିଖ**------------- (ସାଧାରଣ ପରିଷଦ ବୈଠକର ୧୪ ଦିନ ପୂର୍ବରୁ)

କମ୍ପାନୀର ସମସ୍ତ ସଦସ୍ୟଙ୍କୁ ବିଜ୍ଞପ୍ତି ପ୍ରଦାନ କରାଯାଉଛି ଯେ, କମ୍ପାନୀର ପ୍ରଥମ ସାଧାରଣ ପରିଷଦ ବୈଠକ ତା..............ରିଖରେ ହେବ। ତାରିଖ-----------(ଦିନ/ବାର ଲେଖନ୍ତୁ) (ପଞ୍ଜିକରଣର ୯୦ ଦିନ ଭିତରେ) ସକାଳ-----ଠାରୁ--------ପର୍ଯ୍ୟନ୍ତ (ଚିହ୍ନ ଥାଇ ସଂପୂର୍ଣ୍ଣ ସ୍ଥାନର ଠିକଣା ଦିଅନ୍ତୁ)

ବୈଠକର କାର୍ଯ୍ୟସୂଚୀ / ଏଜେଣ୍ଡା ନିମ୍ନରେ ଦିଆଯାଇଛି।

**ସାଧାରଣ ବ୍ୟବସାୟ**

୧. ମୁଖ୍ୟ ପୃଷ୍ଠପୋଷକଙ୍କ ଦ୍ୱାରା ସ୍ୱାଗତ
୨. କମ୍ପାନୀର ଆର୍ଥିକ ସ୍ଥିତିକୁ ବିଚାର କରିବା
୩. କମ୍ପାନୀର ବର୍ତ୍ତମାନ ପର୍ଯ୍ୟନ୍ତ ଅଗ୍ରଗତିକୁ ସମସ୍ତଙ୍କୁ ଜଣାଇବା
୪. ଅଡିଟରଙ୍କ ନିଯୁକ୍ତିକୁ ବିଚାର କରିବା ।
୫. ପରବର୍ତ୍ତୀ ଆର୍ଥିକ ବର୍ଷ ପାଇଁ ବାର୍ଷିକ ଯୋଜନା ଏବଂ ବଜେଟ୍ ଅନୁମୋଦନ କରିବା

**ସ୍ୱତନ୍ତ୍ର ବ୍ୟବସାୟ**

୬. କମ୍ପାନୀର ବ୍ୟବସାୟ ଭିତ୍ତିକ ଯୋଜନାକୁ ଅନୁମୋଦନ କରିବା
୭. କମ୍ପାନୀର ଆର୍ଥିକ ଦିଗଗୁଡିକୁ ବିଚାର କରିବା
   (କ) କମ୍ପାନୀର ଋଣ ଆଣିବା ସୀମା ଧାର୍ଯ୍ୟ କରିବା ଏବଂ ଅନୁମୋଦିତ ସୀମା ମଧ୍ୟରେ ଋଣ ଆଣିବା ପାଇଁ ବୋର୍ଡକୁ ଅଧିକୃତ କରିବା।
   (ଖ) କ୍ଷୁଦ୍ର ଋଣ ମାଧ୍ୟମରେ ପାଣ୍ଠି ସଂଗ୍ରହକୁ ଅନୁମୋଦନ କରିବା
   (ଗ) ବଳକା ଅର୍ଥ / ନିଅଣ୍ଟପରିଚାଳନା ବ୍ୟବସ୍ଥାକୁ ବିଚାର କରିବା
   (ଘ) ବିଭିନ୍ନ ପାଣ୍ଠି ସ୍ଥାପନ କରିବା
   (ଙ) ପୃଷ୍ଠପୋଷକ ବୋନସ ହିସାବ ଓ ବଣ୍ଟନ ଯୋଜନା ଆପଣେଇବା
   (ଚ) ଲାଭାର୍ଥକୁ ଗଚ୍ଛିତ ବା ସଂରକ୍ଷିତ ଯୋଜନାକୁ ଦେବା ବ୍ୟବସ୍ଥା ଆପଣେଇବା
୮. କମ୍ପାନୀର ବାଇଲ ଓ ନିୟମାବଳୀକୁ ଅନୁମୋଦନ ଓ ଗ୍ରହଣ କରିବା।
୯. ସହାୟତା ଦେଉଥିବା ଅନୁଷ୍ଠାନ ସହିତ ସେବା ପ୍ରଦାନ ପାଇଁ କରାଯାଇଥିବା ଚୁକ୍ତିନାମାକୁ ଅନୁମୋଦନ କରିବା
୧୦. ବୋର୍ଡ ସଭ୍ୟ ମାନଙ୍କର ନିର୍ବାଚନ
୧୧. ନିମନ୍ତ୍ରିତ ଅତିଥିମାନଙ୍କର ବାର୍ତ୍ତା
୧୨. ଧନ୍ୟବାଦ ଅର୍ପଣ

କମ୍ପାନୀ ତରଫରୁ

(ମୁଖ୍ୟ ପୃଷ୍ଠପୋଷକ)

# ସାଧାରଣ ପରିଷଦର ବୈଠକ ପାଇଁ ଟିପ୍ପଣୀ

## ଯାଞ୍ଚ ତାଲିକା

**କମ୍ପାନୀର ଆର୍ଥିକ ସ୍ଥିତିକୁ ବିଚାର କରିବା**

- ଅଧିକୃତ ଅଂଶଧନ, ଅଂଶଧନର ମୂଲ୍ୟ
- ଅଂଶଧନର ସବିଶେଷ ତଥ୍ୟ– ଅଂଶଧନ ପରିମାଣ, ଅଂଶିଦାରଙ୍କ ସଂଖ୍ୟା

**ଅଂଶଧନ ପ୍ରଦାନ ସମୟସୀମା**

- ଅନ୍ୟ ଆୟର ବିବରଣୀ
- ଖର୍ଚ୍ଚ ବିବରଣୀ
- ବ୍ୟାଙ୍କ ଆକାଉଣ୍ଟର ସବିଶେଷ ତଥ୍ୟ
- ଯେ କୌଣସି ଅନ୍ୟାନ୍ୟ ଆର୍ଥିକ ବିଷୟ

**କମ୍ପାନୀର ବର୍ତ୍ତମାନ ପର୍ଯ୍ୟନ୍ତର ଅଗ୍ରଗତି ବିଷୟରେ ଜଣାଇବା**

- ଆବଶ୍ୟକତା, ଯୁକ୍ତିଯୁକ୍ତତା ଏବଂ କୃଷକ ଉତ୍ପାଦକ କମ୍ପାନୀର ଉଦ୍ଦେଶ୍ୟକୁ ଜାଣିବା– ଏହା କାହିଁକି ଗଠିତ ହେଲା
- ଉପକ୍ରମ ବା ଆରମ୍ଭ, ସହାୟତା ପ୍ରଦାନ କରୁଥିବା ସଂସ୍ଥା

**ପଞ୍ଜିକରଣ ସମ୍ପର୍କିତ ସବିଶେଷ ତଥ୍ୟ - କମ୍ପାନୀ ଆଇନ ଅନୁସାରେ ଉତ୍ପାଦକ କମ୍ପାନୀ, କର୍ପୋରେଟ ବ୍ୟାପାର ମନ୍ତ୍ରାଳୟ, ଭାରତ ସରକାର, ପଞ୍ଜିକରଣ ତାରିଖ**

- ଆଇନଗତ ଅନୁମତି ବା ପରମିଟ୍, ଲାଇସେନ୍ସ
- ସାଧନ ସଂଯୋଗୀକରଣ
- ପ୍ରଶିକ୍ଷଣସମୂହ
- ସଫଳ କାହାଣୀ ଦେଖିବା ପାଇଁ କ୍ଷେତ୍ର ପରିଦର୍ଶନ
- କୃଷିଜାତ ଦ୍ରବ୍ୟ ସଂଗ୍ରହ ବା କିଣିବା
- ବ୍ୟବସାୟ ଯୋଜନା
- ଅଗ୍ରଗତି ସମ୍ବନ୍ଧୀୟ ଯେ କୌଣସି ବିଷୟ

**ଅଡିଟର ନିଯୁକ୍ତି ପାଇଁ ବିଚାର**

- ପ୍ରସ୍ତାବିତ ଅଡିଟରଙ୍କ ବିଷୟରେ ସବିଶେଷ ତଥ୍ୟ

ପରବର୍ତ୍ତୀ ଆର୍ଥିକ ବର୍ଷ ପାଇଁ ବାର୍ଷିକ ଯୋଜନା ଏବଂ ବଜେଟର ଅନୁମୋଦନ କରିବା

______________________________ କୃଷକ ସେବା ଉତ୍ପାଦକ କମ୍ପାନୀ ଲିମିଟେଡ

# ବାର୍ଷିକ ଯୋଜନା ବର୍ଷ...........( ଟଙ୍କା ଲକ୍ଷରେ)

| | ସୂଚକାଙ୍କ | ସବିଶେଷ ବିବରଣୀ |
|---|---|---|
| କ | ମାପକାଠି | |
| ୧. | ସଭ୍ୟ ସଂଖ୍ୟା | |
| ୨. | କର୍ମଚାରୀଙ୍କ ସଂଖ୍ୟା | |
| ୩. | ତାଲିମପ୍ରାପ୍ତ ବୋର୍ଡ ସଦସ୍ୟଙ୍କ ସଂଖ୍ୟା | |
| ୪. | ତାଲିମପ୍ରାପ୍ତ ସାଧାରଣ ପରିଷଦ ସଦସ୍ୟଙ୍କ ସଂଖ୍ୟା | |
| ଖ | ବ୍ୟବସାୟ | |
| ୧. | ଭିତ୍ତିଭୂମି | |
| ୧.କ | ଡାଲି ମିଲ (୨.୫ ଟିପିଏଚ୍) | |
| ୧.ଖ | ଗୋଦାମ ଘର ( ୨୦୦୦ ମେଟ୍ରିକ ଟନ୍) | |
| ୧.ଗ | ଏଫଏସସି | |
| ୨. | କାରବାର ରାଶିର ପରିମାଣ | |
| ୨.କ | କୃଷିଜାତ ଦ୍ରବ୍ୟ କ୍ରୟ / ସଂଗ୍ରହ | |
| ୨.ଖ | ଆର୍ଥିକ ସେବା | |
| ୨.ଗ | ଏଫଏସସି | |
| ଗ | ଆର୍ଥିକ | |
| ୧. | ଅଂଶଧନ | |
| ୨. | ପ୍ରକୃତ ଲାଭ | |
| ୩. | ପାଣ୍ଠିର ଆବଶ୍ୟକତା | |
| ୩.କ | ପୁଞ୍ଜି ନିବେଶ | |
| - | ଡାଲି ମିଲ୍ | |
| - | ଗୋଦାମ ଘର | |
| - | ଏଫଏସସି | |
| - | କୃଷି ଯନ୍ତ୍ରପାତି ଭଡାରେ ମିଳୁଥିବା କେନ୍ଦ୍ର | |
| ୩.ଖ | କାର୍ଯ୍ୟକଳାପ ପାଇଁ ମୂଳଧନ ବା ପୁଞ୍ଜି | |
| - | କୃଷିଜାତ ଦ୍ରବ୍ୟ କ୍ରୟ ବା ସଂଗ୍ରହ | |
| - | ଆର୍ଥିକ ସେବା | |
| - | ଏଫଏସସି | |

ସାଧାରଣ ପରିଷଦ ବିସ୍ତୃତ ବାର୍ଷିକ ଯୋଜନା ଓ ଏହାର କାର୍ଯ୍ୟକାରୀତା ପାଇଁ ବୋର୍ଡକୁ ଅନୁମତି ପ୍ରଦାନ ବା ଅଧିକୃତ କରିବା । କମ୍ପାନୀର ବ୍ୟବସାୟିକ ଯୋଜନାର ଅନୁମୋଦନ

- କମ୍ପାନୀର ସେବାସମୂହର ଅନୁମୋଦନ
- ବ୍ୟବସାୟ ଯୋଜନାର ସାରାଂଶକୁ ଅନୁମୋଦନ

୪

# ଆନୁଷ୍ଠାନିକ ବ୍ୟବସ୍ଥା ଏବଂ ନୀତିସମୂହ

## ଅଧିବେଶନ ଉଦ୍ଦେଶ୍ୟ



**କୃଷକ ଉତ୍ପାଦକ ସଙ୍ଗଠନର ବ୍ୟବସ୍ଥା ଏବଂ ନୀତିସମୂହର ଆବଶ୍ୟକତା ବିଷୟରେ ସଚେତନ ହେବେ ଏବଂ କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ଉପଯୁକ୍ତ ବ୍ୟବସ୍ଥା ଏବଂ ନୀତିଗୁଡ଼ିକୁ ଚିହ୍ନଟ କରିବା ।**

**ବିଷୟବସ୍ତୁ**

**୧. ବ୍ୟବସ୍ଥା ଏବଂ ନୀତିସମୂହ- କୃଷକ ଉତ୍ପାଦକ ସଙ୍ଗଠନରେ ଏହାର ଆବଶ୍ୟକତା**

**୨. କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ଏବଂ ନୀତିସମୂହ**

**୩. କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ଉପଯୁକ୍ତ ବ୍ୟବସ୍ଥା ଏବଂ ନୀତିସମୂହ ଚିହ୍ନଟୀକରଣ**

ଆନୁଷ୍ଠାନିକ ବ୍ୟବସ୍ଥା ଓ ନୀତି ଗୁଡ଼ିକ ପ୍ରସ୍ତୁତ କରିବା ଏବଂ ସେଗୁଡ଼ିକୁ ସଠିକ ଭାବରେ କାର୍ଯ୍ୟକାରୀତା କରିବା ହେଉଛି, କୃଷକ ଉତ୍ପାଦକ ସଙ୍ଗଠନର ପ୍ରମୁଖ ଶାସନ ବୈଶିଷ୍ଟ୍ୟତା । ସେଗୁଡ଼ିକ ଅତି ସରଳ ଏବଂ ସଂକ୍ଷିପ୍ତ ମଧ୍ୟ ହୋଇପାରେ କିନ୍ତୁ କୃଷକ ଉତ୍ପାଦକ ସଙ୍ଗଠନର ପ୍ରଭାବୀ କାର୍ଯ୍ୟ ପାଇଁ ବ୍ୟବସ୍ଥା ଏବଂ ନୀତିଗୁଡ଼ିକର ଉପସ୍ଥିତି ଅତ୍ୟନ୍ତ ଆବଶ୍ୟକ । ସେଗୁଡ଼ିକ ହେଉଛି, ନୀତି ଯାହା ବିନା କୌଣସି ବ୍ୟବସ୍ଥା ଚାଲିପାରିବ ନାହିଁ । ଉଦାହରଣ ସ୍ୱରୂପ; ବ୍ୟସ୍ତବହୁଳ ରାସ୍ତାରେ ଟ୍ରାଫିକ କ'ଣ ହୁଏ, ଯଦି ଟ୍ରାଫିକ ନିୟମ କିଛି ନାହିଁ ଏବଂ ଟ୍ରାଫିକ ନିୟମ ଲାଗୁ କରିବାର କୌଣସି ବ୍ୟବସ୍ଥା ନାହିଁ ?

ବୋର୍ଡ ସଭ୍ୟ ହିସାବରେ ଆମର ଦାୟିତ୍ୱ ହେଉଛି–

- ବୋର୍ଡ ସଦସ୍ୟ ହିସାବରେ ଆମର ସଦସ୍ୟ ଏବଂ ଅନ୍ୟ ହିତାଧିକାରୀ ଏବଂ ସଙ୍ଗଠନର ସ୍ୱାର୍ଥରକ୍ଷା କରିବାର ଦାୟିତ୍ୱ ଅଛି ।
- ଶାସନ ଏବଂ ବ୍ୟବସାୟ ସଠିକ ଭାବରେ ପରିଚାଳନା ପାଇଁ ସୁନିଶ୍ଚିତ କରାଇବା
- ବ୍ୟବଧାନ ଏବଂ ଅଭାବକୁ ଚିହ୍ନଟ କରିବା ଏବଂ ଯାହା ଫଳରେ ବ୍ୟବସାୟ ଏବଂ ପରିଚାଳନାର ଗୁଣବତ୍ତା ଏବଂ ପରିମାଣକୁ ଉନ୍ନତ କରିବା ।
- ଅନୁଷ୍ଠାନର କାର୍ଯ୍ୟ ବିଷୟରେ ସଚେତନତା ଏବଂ ନିୟନ୍ତ୍ରଣ ବୃଦ୍ଧି କରିଥାଏ ।

- ଯୋଜନା, ନୀତି ଏବଂ କାର୍ଯ୍ୟକ୍ରମସମୂହର ସଂଶୋଧନ କରିବାରେ ସମର୍ଥ କରିଥାଏ।
- ନିଷ୍ପତ୍ତି ଏବଂ ଏହାର କାର୍ଯ୍ୟକାରୀତା ପାଇଁ ସଂଶ୍ଲିଷ୍ଟ ସମସ୍ତଙ୍କ ପାଇଁ ଉତ୍ତରଦାୟୀତ୍ୱତା ସ୍ଥିର କରିବା।

ଉପରୋକ୍ତ ସମସ୍ତ ବିଷୟକୁ ସୁନିଶ୍ଚିତ କରିବା ପାଇଁ ଆମେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ଏହା ପୂର୍ବରୁ ସଂଶୋଧନ ପଦକ୍ଷେପ ଅଭାବରୁ କୃଷକ ଉତ୍ପାଦକ ସଙ୍ଗଠନ ଉପରେ କି ପ୍ରକାର ପ୍ରଭାବ ପଡେ, ସେଗୁଡିକ ବୁଝିବା ଦରକାର ।

## ଶାନ୍ତି କୃଷକ ଉତ୍ପାଦକ ସଙ୍ଗଠନ

ଶାନ୍ତି କୃଷକ ଉତ୍ପାଦକ ସଙ୍ଗଠନରେ ଅନେକ କ୍ଷେତ୍ର କର୍ମଚାରୀ ହିସାବ ଖାତା ଯାଞ୍ଚ କରୁଛନ୍ତି ଯେ, କେଉଁ ସଦସ୍ୟ କେତେ ଦ୍ରବ୍ୟ ଯୋଗାଇ ଦେଇଛନ୍ତି ଓ କିଏ ଦେଇନାହିଁ। ପରିଚାଳନା କମିଟିର ଦୁଇ ଜଣ ସଦସ୍ୟ ଚାଷୀଙ୍କ ସହିତ ଆଲୋଚନା କରୁଛନ୍ତି, ଜଣେ କୃଷକ ଅଭିଯୋଗ କରୁଛନ୍ତି ଯେ, ସେ ମାସକ ପୂର୍ବରୁ ଫସଲ ଋଣ ପରିଶୋଧ କରିଥିଲେ ଏବଂ କାହିଁକି ଆଜି ପର୍ଯ୍ୟନ୍ତ ତାହାର ହିସାବ ଲେଖା ଯାଇନାହିଁ, ତାହା ଜାଣିବାକୁ ଦାବି କରିଛନ୍ତି। ଦ୍ୱିତୀୟ କୃଷକ ଅଭିଯୋଗ କରୁଛନ୍ତି ଯେ, ଯଦିଓ ଗତମାସରେ ସାଧନ କିଣିବା ପାଇଁ ଫସଲ ଋଣ ଅନୁମୋଦନ ହୋଇଛି ଏବଂ କୃଷକ ଉତ୍ପାଦକ ସଙ୍ଗଠନ ଦ୍ୱାରା ଚେକ୍ ପ୍ରଦାନ କରାଯାଇଛି, ଯାହା କୃଷକ ଉତ୍ପାଦକ ସଙ୍ଗଠନ ଆକାଉଣ୍ଟରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ଅଭାବ ହେତୁ ସେ ନେଇପାରିଲେ ନାହିଁ। ତାଙ୍କୁ ଫସଲ ଋଣ ପାଇଁ ଅଧିକ ସମୟ ଅପେକ୍ଷା କରିବାକୁ ପଡିବ, ଯେଉଁଥିପାଇଁ ସେ ଆଗାମୀ ରବି ଋତୁକୁ ହରାଇବେ।

କୃଷକ ଉତ୍ପାଦକ ସଙ୍ଗଠନରେ ବିଡା ବିଡା କାଗଜପତ୍ର ସବୁଆଡେ ପଡିଛି। କିଛି କ୍ଷେତ୍ର କର୍ମଚାରୀ ଭଣ୍ଡାର ଲେଜର ସହିତ ଉତ୍ପାଦ ଏବଂ ବିକ୍ରୟ ହିସାବ ସହ ମେଳ ଖୁଆଉଛନ୍ତି। ହିସାବରକ୍ଷକ ମାସକ ପୂର୍ବରୁ କୃଷକ ଉତ୍ପାଦକ ସଙ୍ଗଠନ ହିସାବଗୁଡିକୁ ମେଳ ଖୁଆଇବା ପାଇଁ କାର୍ଯ୍ୟ କରୁଛନ୍ତି ଏବଂ ଆଗାମୀ ବୋର୍ଡ ନିର୍ଦ୍ଦେଶକମଣ୍ଡଳୀ ବୈଠକ ପାଇଁ ପାଣ୍ଠିର ବିବରଣୀ ପ୍ରସ୍ତୁତ କରିବାକୁ ଚେଷ୍ଟା କରୁଛନ୍ତି– ଏହି କାର୍ଯ୍ୟଟି ଦୁର୍ଭାଗ୍ୟବଶତଃ, ସଠିକ ସମୟରେ ସମାପ୍ତ ହୋଇପାରିବ ନାହିଁ।

କୃଷକ ଉତ୍ପାଦକ ସଙ୍ଗଠନ କାର୍ଯ୍ୟାଳୟରେ, ବୋର୍ଡ ନିର୍ଦ୍ଦେଶକମାନେ ସେମାନଙ୍କର ମାସିକ ବୋର୍ଡ ବୈଠକ କରୁଛନ୍ତି। ସିଇଓ ଘୋଷଣା କରିଛନ୍ତି ଯେ, ଅର୍ଥ ଅଭାବ ହେତୁ ଆସନ୍ତା ତିନି ସପ୍ତାହ ପାଇଁ କ୍ରୟ ଏବଂ ସାଧନ ବିକ୍ରୟ ସ୍ଥଗିତ ରଖିବାକୁ ସେ ବୋର୍ଡ ନିର୍ଦ୍ଦେଶକଙ୍କୁ ପରାମର୍ଶ ଦେଇଛନ୍ତି। ବୋର୍ଡ ନିର୍ଦ୍ଦେଶକ ହିସାବରକ୍ଷକଙ୍କୁ ସକ୍ରିୟ କୃଷକଙ୍କ ସଂଖ୍ୟା, ଉତ୍ପାଦନ, ବିକ୍ରୟ ବିବରଣୀ, କାରବାର କାର୍ଯ୍ୟଦକ୍ଷତା ରିପୋର୍ଟ ଏବଂ ଆର୍ଥିକ ବିବରଣୀ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିବାକୁ କହିଥିଲେ। ଏକ ସପ୍ତାହ ମଧ୍ୟରେ ଏହି ତଥ୍ୟ ଏକାଠି କରିବାକୁ କୁହାଯିବା ବେଳେ ହିସାବରକ୍ଷକ ସମ୍ଭବ ନୁହେଁ ବୋଲି ସଙ୍କେତ ଦେଇଥିଲେ।

୧ . ଏହି କୃଷକ ଉତ୍ପାଦକ ସଙ୍ଗଠନ ଗୁଡିକ ସମ୍ମୁଖିନ ହେଉଥିବା ଅନ୍ତର୍ନିହିତ ସମସ୍ୟାଗୁଡିକ କ'ଣ ?

୨ . କୃଷକ ଉତ୍ପାଦକ ସଙ୍ଗଠନରେ ଏହି ପ୍ରକାର ପରିସ୍ଥିତିକୁ ଏଡାଇବା ପାଇଁ ବୋର୍ଡ ଦ୍ୱାରା କି ପ୍ରକାର ପଦକ୍ଷେପ ନିଆଯାଇପାରେ ?

ଆପଣଙ୍କର ପର୍ଯ୍ୟବେକ୍ଷଣ ଗୁଡିକ ଲେଖିବା ପାଇଁ ଦୟାକରି ନିମ୍ନଲିଖିତ ସ୍ଥାନ ବ୍ୟବହାର କରନ୍ତୁ ।

୧. ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .
... ... ... ... ... ... ... ... ... ... ... ... ... .. ... ... ... ... ... ... ... ... ... ... ... ... ... ... ... ... ... ... ... ..
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

୨. ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...
... ... ... ... ... .. ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

ଉପରୋକ୍ତ ବିଷୟରୁ ଆମେ ହୃଦୟଙ୍ଗମ କଲୁ ଯେ, ସମନ୍ୱିତ ଢଙ୍ଗରେ ବିଭିନ୍ନ ନିଷ୍ପତ୍ତି ନେବା ପାଇଁ ଠିକ୍ ସମୟରେ ସୂଚନାର ଉପଲବ୍ଧତାର ମହତ୍ତ୍ୱ ବେଶୀ, ଯାହାଦ୍ୱାରା

- ନିଷ୍ପତ୍ତି ଶୀଘ୍ର ଏବଂ ଠିକ ସମୟରେ ନିଆଯାଇପାରିବ ।
- ଅନାବଶ୍ୟକ ବିଳମ୍ବ ଠାରୁ ଦୂରେଇ ରହିହେବ ।
- ଅଗ୍ରଗତିକୁ ତଦାରଖ ଏବଂ ନିୟନ୍ତ୍ରଣ କରିହେବ ।
- ସଠିକ ସମୟରେ କାର୍ଯ୍ୟକୁ ସଂଶୋଧନ କରିହେବ ।
- ନିଷ୍ପତ୍ତି ଉପରେ ମତାମତ ପ୍ରଦାନ କରିହେବ ।

ସଠିକ୍ ସମୟରେ ସୂଚନାର ଉପଲବ୍ଧତା ନିଶ୍ଚିତ କରିବା, ନିଷ୍ପତ୍ତି ନେବା ଏବଂ ପରିଚାଳନାର ନିମ୍ନଲିଖିତ କାର୍ଯ୍ୟଗୁଡିକର ଦୈନନ୍ଦିନ ବ୍ୟବସାୟ କାର୍ଯ୍ୟ କରିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

୧) ଆର୍ଥିକ (୨) କ୍ରୟ (୩) ଉତ୍ପାଦନ (୪) ବିକ୍ରିବଟା (୫) ପ୍ରଶାସନ

ଆସନ୍ତୁ, କୃଷକ ଉତ୍ପାଦକ ସଙ୍ଗଠନର ନିମ୍ନଲିଖିତ ସତ୍ୟଘଟଣା ଉପରେ ବିଚାର କରିବା ।

- ଏକ କୃଷକ ଉତ୍ପାଦକ ସଙ୍ଗଠନ ଟମାଟୋ ଏବଂ ଅନ୍ୟାନ୍ୟ ପନିପରିବା କ୍ରୟ କରୁଛନ୍ତି - ସେମାନେ ଗ୍ରେଡିଂ ବା ଦ୍ରବ୍ୟ ଶ୍ରେଣୀଭୁକ୍ତ ସହିତ ସଂଗ୍ରହ କେନ୍ଦ୍ର ସ୍ଥାପନ କରିନାହାଁନ୍ତି । ସେମାନଙ୍କର ଗ୍ରେଡିଂ (ଗ୍ରେଡ-୧ , ଗ୍ରେଡ-୨ , ଗ୍ରେଡ-୩) ମାନଦଣ୍ଡ ସ୍ପଷ୍ଟ ନୁହେଁ ଏବଂ ଏହା ସଦସ୍ୟମାନଙ୍କୁ ଭଲଭାବରେ ଜଣାଇ ନାହାଁନ୍ତି । ଏହା କ୍ରୟ ଏବଂ ଗୁଣାବତ୍ତା ପ୍ରଣାଳୀ ଆବଶ୍ୟକ କରେ ।

- ଅନ୍ୟ ଏକ କୃଷକ ଉତ୍ପାଦକ ସଙ୍ଗଠନରେ କିଛି ସଦସ୍ୟଙ୍କ ଠାରୁ ସେବା ବାବଦରେ ଶୁଳ୍କ ସଂଗ୍ରହ କରାଯାଏ । ତଥାପି, ସେହି ସଦସ୍ୟମାନଙ୍କୁ କୌଣସି ରସିଦ ଦିଆଯାଏ ନାହିଁ ଏବଂ କୃଷକ ଉତ୍ପାଦକ ସଙ୍ଗଠନର ବ୍ୟାଙ୍କ ପରିଶେଷ ଠାରୁ ନଗଦ ପରିଶେଷ ଅଧିକ । ଏଥିପାଇଁ ଉପଯୁକ୍ତ ହିସାବ ଏବଂ ନଥିପତ୍ର ଲିଖନ ବ୍ୟବସ୍ଥା ଆବଶ୍ୟକ ।

- କୃଷକ ଉତ୍ପାଦକ ସଙ୍ଗଠନରେ ଦେୟ ଭଳି ଦ୍ୱନ୍ଦ୍ୱ, କିଛି ଲୋକ କୃଷକ ଉତ୍ପାଦକ ସଙ୍ଗଠନକୁ ତାଙ୍କ ନିୟନ୍ତ୍ରଣକୁ ନେବାକୁ ଚେଷ୍ଟା କରୁଥିବା ଭଳି ସ୍ଥିତି ଉପୁଜିଥାଏ । ତେଣୁ, ଉପଯୁକ୍ତ ଦ୍ୱନ୍ଦ୍ୱ ପରିଚାଳନା ବ୍ୟବସ୍ଥାର ଆବଶ୍ୟକତା ଅଛି ।

- କୌଣସି ତଦାରଖ ବ୍ୟବସ୍ଥା ନଥିଲେ କର୍ମଚାରୀ ଭଲ କାମ ପ୍ରଦର୍ଶନ ନକରିବା ଭଳି ସମସ୍ୟା ସୃଷ୍ଟି ହୋଇପାରେ ।

**ଅଭ୍ୟାସ**

ଦୟାକରି ଉପରୋକ୍ତ ସତ୍ୟ ଘଟଣା ବିଷୟରେ ଆଲୋଚନା କରନ୍ତୁ । ଏହି ପ୍ରକାରର ଘଟଣା ଆପଣଙ୍କ କୃଷକ ଉତ୍ପାଦକ ସଙ୍ଗଠନରେ ମଧ୍ୟ ହୋଇପାରେ କି ? ଏହି ଆଲୋଚନାରୁ ଆପଣ ୩ଟି ବିଷୟ ଚିହ୍ନଟ କରନ୍ତୁ, ଯାହାକି ଆପଣଙ୍କର କୃଷକ ଉତ୍ପାଦକ ସଙ୍ଗଠନର ଆବଶ୍ୟକୀୟ ପରିବର୍ତ୍ତନ ଆଣିପାରିବ ?

୧ ... ... ... ... ... ... ... ... ... ... ... ... ...

୨ ... ... ... ... ... ... ... ... ... ... ... ... ...

୩ ... ... ... ... ... ... ... ... ... ... ... ... ...

ଏଥିରୁ ସ୍ପଷ୍ଟ ଜଣାଗଲା ଯେ, କୃଷକ ଉତ୍ପାଦକ ସଙ୍ଗଠନ ସଠିକ ଭାବରେ ଚାଲିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ଓ ନୀତିସମୂହ ରହିବା ଆବଶ୍ୟକ ।

ନିମ୍ନଲିଖିତ ବିଭିନ୍ନ ପ୍ରକାର ବ୍ୟବସ୍ଥା ଯାହା କୃଷକ ଉତ୍ପାଦକ ସଙ୍ଗଠନରେ ରହିବା ଆବଶ୍ୟକ । ତଥାପି, ସେ ଗୁଡିକର ପ୍ରକାର ଓ ପରିମାଣ ସେହି ନିର୍ଦ୍ଦିଷ୍ଟ କୃଷକ ଉତ୍ପାଦକ ସଙ୍ଗଠନର ସ୍ତର, କାର୍ଯ୍ୟକଳାପ ଏବଂ କାରବାର ପରିମାଣ ଉପରେ ନିର୍ଭର କରେ ।

ତେଣୁ ବିଭିନ୍ନ କାର୍ଯ୍ୟକଳାପ ଗ୍ରହଣ କରିବାକୁ, ଯେ କୌଣସି କୃଷକ ଉତ୍ପାଦକ ସଙ୍ଗଠନରେ କିଛି ବ୍ୟବସ୍ଥାର ଆବଶ୍ୟକତା ରହିଛି । ପ୍ରଭାବୀ ସାଙ୍ଗଠନିକ ବ୍ୟବସ୍ଥାଗୁଡିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯାହାଦ୍ୱାରା ଆବଶ୍ୟକୀୟ ସେବାଗୁଡିକ ସଦସ୍ୟମାନଙ୍କୁ ଏକ ଦକ୍ଷ ଢଙ୍ଗରେ ପହଞ୍ଚାଇ ହେବ । ବ୍ୟବସ୍ଥାର ପରିମାଣ ପୁନର୍ବାର କୃଷକ ଉତ୍ପାଦକ ସଙ୍ଗଠନର ସ୍ତର ଏବଂ ବ୍ୟବସାୟ ସ୍ତର ଉପରେ ନିର୍ଭର କରେ । ବ୍ୟବସ୍ଥାର ଅଭ୍ୟାସ ନିୟମ ବୋର୍ଡଦ୍ୱାରା ଅନୁମୋଦିତ ଏବଂ କର୍ମଚାରୀମାନେ ବ୍ୟବସ୍ଥାର ପରିଚାଳନା କରନ୍ତି । ଆବଶ୍ୟକତା ଆଧାରରେ ବ୍ୟବସ୍ଥାଗୁଡିକ ସମୟ ସମୟରେ ପରିବର୍ତ୍ତନ କରାଯାଇପାରିବ ।

ସାଧାରଣତଃ କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ନିମ୍ନଲିଖିତ ବ୍ୟବସ୍ଥା ଗୁଡିକ ଆବଶ୍ୟକ।

| ଆନୁଷ୍ଠାନିକ | ବ୍ୟବସାୟିକ |
|---|---|
| ହିସାବ ରଖିବା ଏବଂ ଖାତାପତ୍ର ଲେଖିବା | ବିକ୍ରିବଟା |
| ମାନବ ସମ୍ବଳ | ସଂରକ୍ଷଣ, ଗୋଦାମ<br>ପ୍ରକ୍ରିୟାକରଣ ଓ କୃଷିଜାତ ଦ୍ରବ୍ୟ ମୂଲ୍ୟଯୁକ୍ତ କରିବା |
| ଶାସନ ବ୍ୟବସ୍ଥା | ଉତ୍ପାଦନ ଏବଂ ସଂଗ୍ରହ<br>ବିହନ ଉତ୍ପାଦନ, ପ୍ରକ୍ରିୟାକରଣ |
| ପରିଚାଳନା ତଥ୍ୟ ବ୍ୟବସ୍ଥା, ତଦାରଖ | ସାଧନ (ସାର, ବିହନ) ଯୋଗାଣ<br>ବିକ୍ରିବଟା |

ସେହିଭଳି, କୃଷକ ଉତ୍ପାଦକ ସଙ୍ଗଠନରେ ବ୍ୟବସାୟର ଆକାର ଓ କାର୍ଯ୍ୟକଳାପକୁ ଆଧାରକରି ନିମ୍ନରେ ଦିଆଯାଇଥିବା ନୀତିଗୁଡିକ ରଖିପାରନ୍ତି।

- ମାନବ ସମ୍ବଳ ନୀତି
- ଆର୍ଥିକ ନୀତି
- ସଦସ୍ୟତା ନୀତି
- ଶାସନ ନୀତି ଇତ୍ୟାଦି

### ସଦସ୍ୟତା ନୀତି

କୃଷକ ଉତ୍ପାଦକ ସଙ୍ଗଠନରେ ସଭ୍ୟ ହେଉଛନ୍ତି ଗୋଟିଏ କାରଣ। ତେଣୁ ଆମେ ସମ୍ଭାବ୍ୟ ସଭ୍ୟମାନଙ୍କୁ ଖୋଜିବା ଯେଉଁମାନଙ୍କର ଆବଶ୍ୟକତା ଆମ କୃଷକ ଉତ୍ପାଦକ ସଙ୍ଗଠନର ସେବାସମୂହ ସହ ମେଳ ଖାଉଥିବ, କୃଷକ ଉତ୍ପାଦକ ସଙ୍ଗଠନର ସେବାସବୁ ବ୍ୟବହାର କରିପାରିବ ଓ ଜଣେ ଦାୟିତ୍ୱବାନ ସଭ୍ୟ ହେବାକୁ ଇଚ୍ଛୁକ ଥିବେ। ସଦସ୍ୟତା ଯୋଗ୍ୟତା, ପ୍ରକ୍ରିୟା, ସଦସ୍ୟତା ଦାୟିତ୍ୱ, ଅଯୋଗ୍ୟତା ଇତ୍ୟାଦି ଉପରେ ଯଦି ଆମର ସ୍ପଷ୍ଟ ନୀତି ନାହିଁ, ସ୍ପଷ୍ଟ ସଦସ୍ୟତା ନୀତିର ଅଭାବରୁ ସଦସ୍ୟତା ଉପଲବ୍ଧ ହୋଇପାରେ ଯେଉଁମାନଙ୍କର କୃଷକ ଉତ୍ପାଦକ ସଙ୍ଗଠନ ପ୍ରତି କୌଣସି ଆଗ୍ରହ ନଥିବ କିମ୍ବା ଯାହାର ସ୍ୱାର୍ଥ ବା ହିତ ଅନ୍ୟ ସଭ୍ୟମାନଙ୍କର ସହ ଦ୍ୱନ୍ଦ ସୃଷ୍ଟି କରୁଥିବ।

| କ୍ର.ସ | କାର୍ଯ୍ୟ | ଆବଶ୍ୟକୀୟ ବ୍ୟବସ୍ଥା | ମନ୍ତବ୍ୟ |
|---|---|---|---|
| ୧ | ହିସାବକିତାବ | | |
| ୨ | କର୍ମଚାରୀ ପରିଚାଳନା | | |
| ୩ | ବିକ୍ରିବଟା | | |
| ୪ | କ୍ରୟ ବା ଦ୍ରବ୍ୟ ସଂଗ୍ରହ | | |
| ୫ | ସାଧନ ଯୋଗାଣ | | |
| ୬ | ବାଣିଜ୍ୟ ବା ବେପାର | | |
| ୭ | ପ୍ରକ୍ରିୟାକରଣ ଏବଂ କୃଷିଜାତ ଦ୍ରବ୍ୟର ମୂଲ୍ୟଯୁକ୍ତ କରିବା | | |
| ୮ | ବୋର୍ଡର କାର୍ଯ୍ୟସମୂହ | | |
| ୯ | ସଂଯୋଗୀକରଣ | | |
| ୧୦ | ସଭ୍ୟମାନଙ୍କ ପରିଚାଳନା | | |
| ୧୧ | ଆର୍ଥିକ | | |
| ୧୨ | ଗୋଦାମ ଘର | | |



୬

# ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ

## ଅଧିବେଶନ ଉଦ୍ଦେଶ୍ୟ



**ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱର ଗୁରୁତ୍ୱକୁ ହୃଦୟଙ୍ଗମ କରିବା ଯାହା ଦ୍ୱାରା କୃଷକ ଉତ୍ପାଦକ ସଙ୍ଗଠନରେ ସେହି ବିଷୟବସ୍ତୁ ଗୁଡିକୁ ସୁନିଶ୍ଚିତ କରାଇବା।**

**ବିଷୟବସ୍ତୁ**

**୧. ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱର ଗୁରୁତ୍ୱ**

**୨. ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱର କୃଷକ ଉତ୍ପାଦକ ସଙ୍ଗଠନରେ କାର୍ଯ୍ୟକାରୀ କରିବା ପାଇଁ ଉପାୟ**

## ଉପକ୍ରମ

ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱର ଯେ କୌଣସି ସଙ୍ଗଠନର ସଠିକ କାର୍ଯ୍ୟପାଇଁ ୨ଟି ସ୍ତମ୍ଭ ଅଟେ। ନିର୍ଦ୍ଦିଷ୍ଟ ଭାବରେ କୃଷକ ଉତ୍ପାଦକ ସଙ୍ଗଠନରେ ଯେଉଁଠାରେ ବହୁସଂଖ୍ୟକ ସଦସ୍ୟ ଏବଂ ଅନ୍ୟାନ୍ୟ ଦାବିଦାରଙ୍କ ସହ ବିଭିନ୍ନ କାର୍ଯ୍ୟକଳାପ ଓ କାର୍ଯ୍ୟକ୍ରମ ହେଉଛି, ତାହା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ। ବୋର୍ଡ ସଦସ୍ୟମାନଙ୍କୁ ମୁଖ୍ୟତଃ ସେମାନଙ୍କ କୃଷକ ଉତ୍ପାଦକ ସଙ୍ଗଠନରେ ସ୍ୱଚ୍ଛତା (କାର୍ଯ୍ୟରେ) ଏବଂ ଉତ୍ତରଦାୟିତ୍ୱର (ସଦସ୍ୟ ଏବଂ ବାହ୍ୟ ଅଂଶୀଦାର ମାନଙ୍କ ପାଇଁ) ନିଶ୍ଚିତ କରିବାକୁ ପଡିବ।

ସଠିକ ବ୍ୟବସ୍ଥା, ଅଡିଟ, ବ୍ୟବସାୟ ନିୟମ, ଦକ୍ଷଭାବରେ କାର୍ଯ୍ୟ କରିବା ଇତ୍ୟାଦି ଦ୍ୱାରା କାର୍ଯ୍ୟରେ ସ୍ୱଚ୍ଛତା ନିଶ୍ଚିତ ହୋଇପାରିବ।

ବୋର୍ଡର ସଭ୍ୟମାନେ ଆବଶ୍ୟକୀୟ ସେବା ଯୋଗାଇବା, ସଦସ୍ୟଙ୍କ ମତାମତ ନେବା ଏବଂ ସେହି ଅନୁଯାୟୀ ଉନ୍ନତି କରିବା, ସାଧାରଣ ପରିଷଦ ବୈଠକ ସଦସ୍ୟମାନଙ୍କୁ ଅଗ୍ରଗତି ଉପସ୍ଥାପନ କରିବା ଭଳି କାର୍ଯ୍ୟକଳାପ ଦ୍ୱାରା ସେମାନଙ୍କ ସଦସ୍ୟଙ୍କ ନିକଟରେ ଉତ୍ତରଦାୟୀ ହୋଇପାରିବେ। ସଦସ୍ୟମାନଙ୍କୁ ବାର୍ଷିକ ରିପୋର୍ଟ ବଣ୍ଟନ କରିବା, ସମୟ ସମୟରେ ସଦସ୍ୟଙ୍କ ପାଇଁ ଆବଶ୍ୟକ ସୂଚନା

ଉପଲବ୍ଧ କରାଇବା ଇତ୍ୟାଦି। ବୋର୍ଡର ସଦସ୍ୟମାନେ ବାହାରର ଦାବିଦାର ଯଥା; ବ୍ୟାଙ୍କର୍ସ, ସରକାରୀ ବିଭାଗ, ନେଟୱାର୍କ / ଫେଡେରେସନ, ଆଇନ କର୍ତ୍ତୃପକ୍ଷଙ୍କ ନିକଟରେ ମଧ୍ୟ ଉତ୍ତରଦାୟୀ ଅଟନ୍ତି। ସମୟ ସମୟରେ କୃଷକ ଉତ୍ପାଦକ ସଙ୍ଗଠନରେ ଆବଶ୍ୟକୀୟ ବିବରଣୀ, ସଭା ଇତ୍ୟାଦି ପାଇଁ ଉତ୍ତରଦାୟୀ ଅଟନ୍ତି।

**ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ପାଇଁ ଗୁରୁତ୍ୱପୂର୍ଣ୍ଣ ଦିଗସମୂହ**

ଆମର ସାଧାରଣ ପରିଷଦ ଆମ ବୋର୍ଡ ଉପରେ କୃଷକ ଉତ୍ପାଦକ ସଙ୍ଗଠନ ଚଳାଇବା ଦାୟିତ୍ୱ ନ୍ୟସ୍ତ କରିଛି ଯାହା ସେମାନଙ୍କ ଦ୍ୱାରା ସ୍ଥିର କରାଯାଇଛି। ତେଣୁ ଆମର ବୋର୍ଡର ଦାୟିତ୍ୱ ହେଉଛି, କୃଷକ ଉତ୍ପାଦକ ସଙ୍ଗଠନର ପରିଚାଳନା ଏବଂ ପରିଚାଳନା ପ୍ରକ୍ରିୟା ସ୍ୱଚ୍ଛ ଏବଂ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରାଇବା। ଏଥିପାଇଁ ଆମର ବୋର୍ଡ ନିମ୍ନଲିଖିତ ଦିଗ ଉପରେ ଧ୍ୟାନ ଦେବା ଉଚିତ-

**୧. ହିସାବନିକାଶ ବ୍ୟବସ୍ଥାର ପ୍ରତିଷ୍ଠା**

ପ୍ରତ୍ୟେକ ଆର୍ଥିକ ବର୍ଷ ଶେଷରେ, କୃଷକ ଉତ୍ପାଦକ ସଙ୍ଗଠନଏହାର ସଦସ୍ୟମାନଙ୍କୁ ବାର୍ଷିକ ଆର୍ଥିକ ବିବରଣୀ ଲିପିବଦ୍ଧ କରି ଉପସ୍ଥାପନ କରିବା ଆବଶ୍ୟକ। ଏଥିରେ ଆର୍ଥିକବର୍ଷ ପାଇଁ ଏକ ରସିଦ ଏବଂ ଦେୟ ବିବରଣୀ, ବର୍ଷ ପାଇଁ ଆୟ, ବ୍ୟୟ ବିବରଣୀ ଏବଂ କୃଷକ ଉତ୍ପାଦକ ସଙ୍ଗଠନର ସମ୍ପତ୍ତି ଏବଂ ଦେୟତାକୁ ଦର୍ଶାଇ ଏକ ସମତୁଳ ଫର୍ଦ୍ଦ ଅନ୍ତର୍ଭୁକ୍ତ ହେବ। ଏହି ବିବୃତ୍ତି ହିସାବରକ୍ଷକ ଦ୍ୱାରା ପ୍ରସ୍ତୁତ, ଯାଞ୍ଚ ଏବଂ ବୋର୍ଡ ଦ୍ୱାରା ଅନୁମୋଦିତ ହେବା ଉଚିତ୍। ତାପରେ ସେମାନଙ୍କୁ ସାଧାରଣ ସଂସ୍ଥା ଦ୍ୱାରା ନିଯୁକ୍ତ ଅଡିଟରଙ୍କୁ ଦିଆଯିବା ଉଚିତ୍ ଯାହା ସେମାନଙ୍କୁ କୃଷକ ଉତ୍ପାଦକ ସଙ୍ଗଠନର ହିସାବ ବହି ଯାଞ୍ଚକରିବା ପାଇଁ ଏବଂ ପ୍ରମାଣ କରିବେ ଯେ ସେଗୁଡିକ ପ୍ରକୃତରେ କୃଷକ ଉତ୍ପାଦକ ସଙ୍ଗଠନରେ ଘଟିଥିବା କାରବାରର ଏକ ପ୍ରକୃତ ସାରାଂଶ। ତେଣୁ ସମ୍ପାଦକ/ସିଇଓଙ୍କ ଦାୟିତ୍ୱ ହେଉଛି, ସେ ପ୍ରତି ମାସରେ, କୃଷକ ଉତ୍ପାଦକ ସଙ୍ଗଠନର ଖାତା ଏବଂ ମାସିକ ଆର୍ଥିକ ବିବରଣୀ ଅଧୁନାତନ ଅଛି, ବିନା ଦ୍ୱନ୍ଦ୍ୱରେ ବାର୍ଷିକ ବିବରଣୀ ସହଜରେ ପ୍ରସ୍ତୁତ ହୋଇପାରିବ।

**୨. ପରିଚାଳନା ସୂଚନା (MIS) ବ୍ୟବସ୍ଥାର ପ୍ରତିଷ୍ଠା**

କେବଳ ଶବ୍ଦ ପାଇଁ ଆକାଉଣ୍ଟିଂ ବ୍ୟବସ୍ଥା ରଖିବା ଯଥେଷ୍ଟ ନୁହେଁ। କୃଷକ ଉତ୍ପାଦକ ସଙ୍ଗଠନର ଶାସନ, ବ୍ୟବସାୟ, ପରିଚାଳନା ଏବଂ ଆର୍ଥିକ ଦିଗ ଗୁଡିକର କାର୍ଯ୍ୟଦକ୍ଷତା ସମୀକ୍ଷା କରିବା ମଧ୍ୟ ଅତ୍ୟନ୍ତ ଜରୁରୀ। ଆମର କୃଷକ ଉତ୍ପାଦକ ସଙ୍ଗଠନର ଆର୍ଥିକ ସ୍ୱାସ୍ଥ୍ୟର ମୂଲ୍ୟାୟନ ପାଇଁ, ଆମେ ଆର୍ଥିକ ବିବରଣୀ ଗୁଡିକର ବ୍ୟାଖ୍ୟା କରିବା ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ଆମକୁ ମଧ୍ୟ ସୁନିଶ୍ଚିତ କରିବାକୁ ପଡିବ ଯେ ପ୍ରତ୍ୟେକ ସ୍ତରରେ, ଏହି ଫର୍ମାଟ ଗୁଡିକ ନିୟମିତ ଭାବରେ ପୂରଣ ହୋଇ ବୋର୍ଡରେ ଉପସ୍ଥାପିତ ହୁଏ ଏବଂ ଶେଷରେ ସମସ୍ୟା ଏବଂ ସାମର୍ଥ୍ୟର ମୂଲ୍ୟାୟନ ପାଇଁ ଉପଯୁକ୍ତ ସ୍ତରରେ ଯାଞ୍ଚ କରାଯାଇଥାଏ ଏବଂ ପଦେକ୍ଷପ ନିଆଯାଏ।

କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ବିକଶିତ ପରିଚାଳନା ସୂଚନା ବ୍ୟବସ୍ଥା (MIS)

- ସ୍ଥାନୀୟ ଭାଷାରେ ରହିବା ଉଚିତ।
- ସଦସ୍ୟ ଏବଂ କୃଷକ ଉତ୍ପାଦକ ସଙ୍ଗଠନର ଆର୍ଥିକ ଏବଂ ଅଣ-ଆର୍ଥିକ ଦିଗ ଏବଂ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ନଜର ରଖିବା।
- ବୈଠକରେ ଯୋଜନା ଏବଂ ଅଗ୍ରଗତିର ସମୀକ୍ଷା କରିବାରେ ନିର୍ଦ୍ଦେଶକମାନଙ୍କୁ ସାହାଯ୍ୟ କରିବା।

କୃଷକ ଉତ୍ପାଦକ ସଙ୍ଗଠନ ସମୀକ୍ଷା ମାଧ୍ୟମରେ, ବୋର୍ଡ ସଦସ୍ୟମାନେ କାର୍ଯ୍ୟର ପ୍ରାରମ୍ଭିକ ଲକ୍ଷଣଗୁଡିକ ଚିହ୍ନଟ କରିବାରେ ସକ୍ଷମ ଅଟନ୍ତି ଏବଂ ଶେଷରେ ନିୟମିତ ଏବଂ ଠିକ ସମୟରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତି। ପୃଷ୍ଠପୋଷକ କର୍ମଚାରୀମାନେ ମଧ୍ୟ ମୋଟ ଉପରେ ତଥ୍ୟର ସାରାଂଶକୁ ଦେଖି ଆମକୁ ମତାମତ ପ୍ରଦାନ କରିବେ ଏବଂ ଆଶା କରାଯାଉଥିବା ବିପଦକୁ ନିୟନ୍ତ୍ରଣ କରିବା ପାଇଁ ରଣନୀତି କାର୍ଯ୍ୟକାରୀ କରିବେ। ଏହି ପ୍ରକ୍ରିୟା ସମୟରେ ଆମେ ଆମର କୃଷକ ଉତ୍ପାଦକ ସଙ୍ଗଠନର କାର୍ଯ୍ୟକଳାପକୁ ଗଭୀର ଭାବେ ବୁଝିବା ଏବଂ କୃଷକ ଉତ୍ପାଦକ ସଙ୍ଗଠନର କାର୍ଯ୍ୟଦକ୍ଷତା ବିଷୟରେ ଭଲ ବୁଝାମଣା ରହିବ।

### ୩. ପରିଚାଳନା ଓ ବିପଦର ପ୍ରଭାବୀଭାବେ ଆଭ୍ୟନ୍ତରୀଣ ନିୟନ୍ତ୍ରଣ

ଏକ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପ୍ରଣାଳୀରେ କାର୍ଯ୍ୟ ପୂର୍ବରୁ ଏବଂ ପରେ ସମ୍ଭାବ୍ୟ ବିପଦ ଉପରେ ନଜର ରଖିବା ଏବଂ ସଙ୍ଗଠନକୁ ଏହି ବିପଦରୁ ରକ୍ଷାକରିବା ପାଇଁ ନୀତି ଏବଂ ପ୍ରଣାଳୀ ଅନ୍ତର୍ଭୁକ୍ତ। ଆମର କୃଷକ ଉତ୍ପାଦକ ସଙ୍ଗଠନର ନିମ୍ନଲିଖିତ ଯାଞ୍ଚ ଏବଂ ନିୟନ୍ତ୍ରଣ ରହିବା ଉଚିତ।

### କ) କର୍ତ୍ତୃତ୍ୱ ହସ୍ତାନ୍ତର

ଆମ ବୋର୍ଡ କୃଷକ ଉତ୍ପାଦକ ସଙ୍ଗଠନର ଦୈନନ୍ଦିନ କାର୍ଯ୍ୟ ଚାଲିବା ପାଇଁ ସମ୍ପାଦକ/ସିଇଓଙ୍କୁ କ୍ଷମତା ହସ୍ତାନ୍ତର କରିଥାଏ। ଆମର କୃଷକ ଉତ୍ପାଦକ ସଙ୍ଗଠନ ଆଗରୁ ସ୍ଥିର କରିବା ଉଚିତ ଯେ ଆର୍ଥିକ କ୍ଷେତ୍ରରେ କିଏ କ'ଣ କରିବା ଉଚିତ। କର୍ତ୍ତୃତ୍ୱ ହସ୍ତାନ୍ତର ଦଲିଲରେ ଯାହା ନିଷ୍ପତ୍ତି ହୋଇଛି, ତାକୁ ଲେଖି ରଖିବା ଏକ ଭଲ ଅଭ୍ୟାସ। ଏହାର ଉଦ୍ଦେଶ୍ୟ ହେଉଛି, କୃଷକ ଉତ୍ପାଦକ ସଙ୍ଗଠନ ତରଫରୁ ନିଷ୍ପତ୍ତି ନେବା, ବ୍ୟୟ କରିବା ଏବଂ ଆଇନଗତ କାର୍ଯ୍ୟରେ ଦସ୍ତଖତ କରିବାର ଅଧିକାର କାହା ଉପରେ ଅଛି ତାହା ସ୍ପଷ୍ଟ ହେବ, ଯାହାଦ୍ୱାରା କି ଦାୟିତ୍ୱ ଉପରେ କୌଣସି ଦ୍ୱନ୍ଦ୍ୱ ଉପୁଜିବ ନାହିଁ ।

### ଖ) କର୍ତ୍ତବ୍ୟକୁ ଅଲଗା କରିବା/ପୃଥକ୍ କରିବା

କାର୍ଯ୍ୟ କରିବାର ପ୍ରଣାଳୀକୁ ସୁରକ୍ଷା ଦେବା ଏବଂ ପାଣ୍ଠିର ଅପବ୍ୟବହାରର କୌଣସି ପ୍ରଲୋଭନକୁ ରୋକିବା ପାଇଁ ଆର୍ଥିକ ପ୍ରକ୍ରିୟା ପରିସର ମଧ୍ୟରେ ବିଭିନ୍ନ ସମସ୍ୟା ସମାଧାନ କରିବା ସହ ଭୂଲ୍ ସୁଧାରିବା ଭୂମିକାକୁ ସହଜ କରିବେ। କର୍ତ୍ତବ୍ୟର ପୃଥକତା ରହିବା ଆବଶ୍ୟକ। ଉଦାହରଣ ସ୍ୱରୂପ; ସାମଗ୍ରୀ ଯୋଗାଣ ଆଦେଶ କରିବା, ଦ୍ରବ୍ୟ ଗ୍ରହଣ କରିବା, ଦେୟକୁ ଅନୁମତି ଦେବା, ହିସାବ ଖାତାପତ୍ର ରଖିବା ଏବଂ ହିସାବଗୁଡିକର ମେଳ ଖୁଆଇବା କର୍ତ୍ତବ୍ୟ ସମ୍ପୂର୍ଣ୍ଣଭାବରେ ଜଣେ ବ୍ୟକ୍ତିଙ୍କୁ ଦିଆଯିବା ଉଚିତ ନୁହେଁ। ଆର୍ଥିକ ନିୟନ୍ତ୍ରଣକୁ ଦୁର୍ବଳ କରିବା ବ୍ୟତୀତ,ଏହା ଜଣେ ବ୍ୟକ୍ତିଙ୍କ ଉପରେ ଅତ୍ୟଧିକ ଦାୟିତ୍ୱ ଲଦି ଦେଇଥାଏ ଏବଂ ଯଦି ସେମାନେ କୃଷକ ଉତ୍ପାଦକ ସଙ୍ଗଠନକୁ ଛାଡିଥାନ୍ତି କିମ୍ବା ଦୀର୍ଘ ସମୟ ଧରି ନିଜେ ଅନୁପସ୍ଥିତ ରୁହନ୍ତି, ତେବେ ଆର୍ଥିକ କାରବାର ବନ୍ଦ ହୋଇଯିବ।

### ଗ) ପୁନଃ ହିସାବ ମେଳ ଖୁଆଇବା

ଏହା ଖାତାପତ୍ର ଗୁଡିକ ଯାଞ୍ଚକରିବା ସହିତ ଅନ୍ତର୍ଭୁକ୍ତ କରେ ଯେ, କୌଣସି ତ୍ରୁଟି ନାହିଁ କିମ୍ବା କିଛି ଲେଖା ଯାଇନାହିଁ ଯାହା ଏ ପର୍ଯ୍ୟନ୍ତ ଚିହ୍ନଟ ହୋଇନାହିଁ। ହିସାବ ଖାତାପତ୍ର ସବୁ ନିୟମିତ ବ୍ୟବଧାନରେ ମେଳ ଖୁଆଇଥିବା ଉଚିତ ଯଥା:-

- ବ୍ୟାଙ୍କ ପାସ୍ ବହି
- ନଗଦ ଖାତା ବା ରେଜିଷ୍ଟର
- ଅଗ୍ରୀମ ଖାତା ବା ରେଜିଷ୍ଟର

### ଘ) ନଗଦ (ଅର୍ଥ) ନିୟନ୍ତ୍ରଣ

- କୃଷକ ଉତ୍ପାଦକ ସଙ୍ଗଠନରେ ନଗଦ କାରବାରକୁ କମ୍ କରନ୍ତୁ ଏବଂ ନଗଦବିହୀନ କାରବାରକୁ ଯଥାସମ୍ଭବ ଗ୍ରହଣ କରନ୍ତୁ।
- ପାଇଥିବା ଟଙ୍କା ପାଇଁ ସର୍ବଦା ରସିଦ୍ ଦିଅନ୍ତୁ।
- ପ୍ରଦାନ କରାଯାଇଥିବା ଟଙ୍କା ପାଇଁ ସବୁବେଳେ ରସିଦ୍ ପ୍ରାପ୍ତ କରନ୍ତୁ।
- ବ୍ୟାଙ୍କରେ ବଳକା ନଗଦ ଜମା ଦିଅନ୍ତୁ।
- ନଗଦ ଅର୍ଥ ଗ୍ରହଣ କରିବା ପାଇଁ ସଠିକ ପ୍ରକ୍ରିୟା ରଖନ୍ତୁ।
- ଛୋଟ ଧରଣର ଖର୍ଚ୍ଚ ପାଇଁ ରଖାଯାଇଥିବା ନଗଦ ଅର୍ଥ (ପେଟି କ୍ୟାସ୍) ସହଜରେ ଉପଲବ୍ଧ କରାନ୍ତୁ ନାହିଁ ଓ ନଗଦ ଅର୍ଥ ଥିବା ପେଡି ବା ଟ୍ରେଜେରୀକୁ ଯେପରି ସହଜରେ କେହି ଯିବେ ନାହିଁ ଏବଂ
- ନଗଦ ଅର୍ଥର କାରବାର ସର୍ବନିମ୍ନ ସ୍ତରରେ ରଖନ୍ତୁ।

### ଙ) ଭୌତିକ ନିୟନ୍ତ୍ରଣସମୂହ

- ଲୁହା ସିନ୍ଦୁକ ରଖନ୍ତୁ।
- ସ୍ଥିର ସମ୍ପତ୍ତି ସୁରକ୍ଷିତ କରନ୍ତୁ।
- ଠକେଇ ଏବଂ ଅନ୍ୟାନ୍ୟ ଅନିୟମିତତା ପାଇଁ  ପଦକ୍ଷେପ ନିଅନ୍ତୁ।

### ଚ) ଆମ କୃଷକ ଉତ୍ପାଦକ ସଙ୍ଗଠନର ଆଭ୍ୟନ୍ତରୀଣ ଏବଂ ବିଧିଗତ ଅଡିଟ ବା ସମୀକ୍ଷା

ନିୟମିତ ହିସାବ ରଖିବା ଓ ନଥିପତ୍ର ଲେଖିବା ସହିତ, ଯଦି ପ୍ରତି ମାସରେ ଆମର କୃଷକ ଉତ୍ପାଦକ ସଙ୍ଗଠନ ନିୟମିତ ଭାବରେ ହିସାବର ଆଭ୍ୟନ୍ତରୀଣ ଅଡିଟ କରିଆସୁଛି ଏବଂ ଆଭ୍ୟନ୍ତରୀଣ ଅଡିଟ ରିପୋର୍ଟ ଉପରେ ପଦକ୍ଷେପ ନିଆଯାଉଛି, ତେବେ କୃଷକ ଉତ୍ପାଦକ ସଙ୍ଗଠନର ଅଡିଟର ପାଇଁ ଏହା ସହଜ ହେବ ଓ ସେ ହିସାବ ଅଡିଟ କରି ଅଡିଟ ପ୍ରମାଣପତ୍ର ଏବଂ ଅଡିଟ ବିବରଣୀ ଯଥାଶୀଘ୍ର ଦେଇପାରିବେ। ଗୁରୁତ୍ୱପୂର୍ଣ୍ଣ ଭାବରେ, ଏହି ଆଭ୍ୟନ୍ତରୀଣ ସମୀକ୍ଷାରେ ଖାତା, ରସିଦ, ଭାଉଚର, ପାସ୍ ବୁକରେ ଲେଖା ହୋଇଥିବା ଦେଣନେଣ ବା କାରବାରଗୁଡିକ ସଠିକଭାବରେ ଲେଖାଯାଇଛି କି ନାହିଁ, ଏହା ଗ୍ରହଣୀୟ କି ନୁହେଁ, ତାହା ଜାଣିବା ପାଇଁ ଯାଞ୍ଚ କରାଯିବ।

ଆମର କୃଷକ ଉତ୍ପାଦକ ସଙ୍ଗଠନ ହେଉଛି ପଞ୍ଜିକୃତ ଅନୁଷ୍ଠାନ ଏବଂ ଏହା ଚାଟାର୍ଡ ଆକାଉଟାଣ୍ଟଙ୍କ ଦ୍ୱାରା ପ୍ରତିବର୍ଷ ଅଡିଟ କରାଯିବ। ଏହା ଯଥେଷ୍ଟ ନୁହେଁ ଯେ, ଆମର କୃଷକ ଉତ୍ପାଦକ ସଙ୍ଗଠନ ପ୍ରସ୍ତୁତ ହୋଇ ସଦସ୍ୟମାନଙ୍କୁ ପ୍ରତିବର୍ଷ ଆର୍ଥିକ ବିବରଣୀ ଉପସ୍ଥାପନ କରିଥାଏ। ପ୍ରତ୍ୟେକ ସଦସ୍ୟ ନିଶ୍ଚିତ ଭାବରେ ବିବରଣୀ ଗୁଡିକର ଏକ ନକଲ ନେଇଯିବେ କାରଣ ସେମାନେ କୃଷକ ଉତ୍ପାଦକ ସଙ୍ଗଠନର ମାଲିକ ଅଟନ୍ତି। ବୋର୍ଡ ଦ୍ୱାରା ପାଣ୍ଠି କିପରି ପରିଚାଳନା କରାଯାଇଥିଲା ତାହାର ବିସ୍ତୃତ ବ୍ୟାଖ୍ୟା ଅଡିଟରଙ୍କ ସହଯୋଗରେ ପ୍ରଦାନ କରିବା ଆମର ଦାୟିତ୍ୱ। ଜଣେ ସଦସ୍ୟ ପଢି ପାରନ୍ତି ବା ପଢି ନପାରନ୍ତି, ଯାହା ହେଲେ ମଧ୍ୟ ପ୍ରତ୍ୟେକ ସଦସ୍ୟ ପ୍ରତିବର୍ଷ ଅଡିଟ ହୋଇଥିବା ଆର୍ଥିକ ବିବରଣୀଗୁଡିକର ଏକ ନକଲ ନିଶ୍ଚିତଭାବରେ ଗ୍ରହଣ କରିବେ। ଆର୍ଥିକବର୍ଷ ଶେଷ ହେବାପରେ ଅଡିଟ ହୋଇଥିବା ବିବରଣୀଗୁଡିକ ଶୀଘ୍ର ଉପସ୍ଥାପିତ ହେବା ମଧ୍ୟ ଅତି ଜରୁରୀ ଅଟେ। ବହୁଦିନ ପୂର୍ବରୁ ଘଟିଥିବା କିଛି ବିଷୟରେ ଏକ ବିବରଣୀ ଉପସ୍ଥାପନ କରିବାର ମୂଲ୍ୟ କିଛି ନାହିଁ।

କୃଷକ ଉତ୍ପାଦକ ସଙ୍ଗଠନ ବାର୍ଷିକ ଆର୍ଥିକ ବିବରଣୀ ବ୍ୟତୀତ, ପ୍ରତିବର୍ଷ ପରବର୍ତ୍ତୀ ବର୍ଷ ପାଇଁ ବାର୍ଷିକ ବଜେଟ ଆମ ସାଧାରଣ ପରିଷଦକୁ ଏହାର ଅନୁମୋଦନ ପାଇଁ ଉପସ୍ଥାପିତ କରାଯିବ ଉଚିତ। ବୋର୍ଡ ଅନୁମୋଦିତ ବଜେଟ୍‌କୁ ଚୂଡାନ୍ତ ରୂପେ ଗ୍ରହଣ କରାଯିବା ଉଚିତ୍ ଏବଂ ଯଦି ବର୍ଷକ ମଧ୍ୟରେ ଏହା କୌଣସି ପରିବର୍ତ୍ତନ ଚାହୁଁଛି, ତେବେ ସାଧାରଣ ପରିଷଦକୁ ପୁନଶ୍ଚ ପଠାଇବା ଏବଂ ଏହାର ଆଗୁଆ ଅନୁମୋଦନ ନେବା ଆବଶ୍ୟକ।

## ୪. ଆଇନଗତ ଅନୁପାଳନ

ଆଇନଗତ ଅନୁପାଳନ ଠିକ୍ ସମୟରେ ନିଶ୍ଚିତ କରି, ଆମର କୃଷକ ଉତ୍ପାଦକ ସଙ୍ଗଠନ କେବଳ ଆଇନଗତ ଢ଼ାଞ୍ଚାରେ ଆମର କୃଷକ ଉତ୍ପାଦକ ସଙ୍ଗଠନକୁ ନିୟନ୍ତ୍ରଣ କରିବା ପାଇଁ ସଦସ୍ୟଙ୍କ ଅଧିକାରକୁ ସମ୍ମାନ ଦେଉନାହିଁ ବରଂ ଆମର ବୋର୍ଡ ପ୍ରମାଣ କରେ ଯେ, ଆମର କୃଷକ ଉତ୍ପାଦକ ସଙ୍ଗଠନ ଗଣତାନ୍ତ୍ରିକ ଏବଂ ଆଇନଗତ ଭାବରେ ଶାସିତ ହେଉଅଛି । କୃଷକ ଉତ୍ପାଦକ ସଙ୍ଗଠନର ବୋର୍ଡ ସଭ୍ୟଙ୍କର ଆଇନଗତ ଦାୟିତ୍ୱସମୂହ ନିମ୍ନରେ ପ୍ରଦାନ କରାଗଲା-

- ଆମର କୃଷକ ଉତ୍ପାଦକ ସଙ୍ଗଠନ ଆର୍ଥିକ ବର୍ଷ ଶେଷ ହେବାପରେ ଯଥାଶୀଘ୍ର ଅଡିଟ କରାଯିବା ଉଚିତ, ଯାହାଦ୍ୱାରା ଏହା ନିଶ୍ଚିତ ହୋଇପାରିବ ଯେ ଅଡିଟ ରିପୋର୍ଟ ଏବଂ ହିସାବଗୁଡିକର ଅଡିଟ ବିବରଣୀ ବାର୍ଷିକ ବିବରଣୀ ସହିତ ଛପାଯିବ ଏବଂ ଏହାକୁ ସାଧାରଣ ବୈଠକରେ ଉପସ୍ଥାପିତ କରାଯିବ ।
- ବୈଠକରେ ଆମର କୃଷକ ଉତ୍ପାଦକ ସଙ୍ଗଠନରେ ଦାୟିତ୍ୱବାନ ସଦସ୍ୟଙ୍କ ଉପସ୍ଥିତି ସୁନିଶ୍ଚିତ କରିବା, ଏଜିଏମ ନୋଟିସକୁ ସଦସ୍ୟମାନଙ୍କୁ ଆଗୁଆ ପଠାଯିବା ଆବଶ୍ୟକ, ଯେଉଁଥିରେ ପ୍ରସ୍ତାବିତ କାର୍ଯ୍ୟସୂଚୀ ଏବଂ ବାଇଲରେ ସଂଶୋଧନ ପାଇଁ ଯଦି କିଛି ଥାଏ କରାଯାଇପାରିବ । ଏଜିଏମ ବୈଠକରେ ପୂର୍ବବର୍ଷରେ କୃଷକ ଉତ୍ପାଦକ ସଙ୍ଗଠନର ଅଗ୍ରଗତି, କାର୍ଯ୍ୟ ଯୋଜନା ଏବଂ ପରବର୍ତ୍ତୀ ବର୍ଷ ପାଇଁ ବଜେଟ ଉପସ୍ଥାପିତ କରାଯିବ ଏବଂ ସାଧାରଣ ପରିଷଦର ଅନୁମୋଦନ ନିଆଯିବ । ଏହା ବ୍ୟତୀତ କୃଷକ ଉତ୍ପାଦକ ସଙ୍ଗଠନ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବାର୍ଷିକ ସାଧାରଣ ବୈଠକରେ ନିଆଯିବା ଉଚିତ ।
- କୃଷକ ଉତ୍ପାଦକ ସଙ୍ଗଠନର ବାଇଲ / ଆର୍ଟିକିଲ ଅଫ ଆସୋସିଏସନ ଅନୁସାରେ ନିର୍ବାଚନ ପାଇଁ ସମୟସୀମା, କେତେ ଜଣ ବୋର୍ଡର ନିର୍ଦ୍ଦେଶକ ନିର୍ବାଚିତ ହେବେ ଏବଂ ସେମାନଙ୍କର କାର୍ଯ୍ୟକାଳ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବା ଉଚିତ । ଆମର ବାଇଲ / ଆର୍ଟିକିଲ ଅଫ ଆସୋସିଏସନରେ ବିଭିନ୍ନ ଜାତିର ପ୍ରତିନିଧିତ୍ୱ ପାଇଁ ସଂରକ୍ଷଣ ବିଷୟରେ ଉଲ୍ଲେଖ କରାଯିବା ଉଚିତ । ପରିଚାଳନା କମିଟି / କାର୍ଯ୍ୟନିର୍ବାହୀ କମିଟିଙ୍କ କାର୍ଯ୍ୟକାଳ ଏବଂ ନିର୍ବାଚନ ପ୍ରକ୍ରିୟା ମଧ୍ୟ ଆମର ବାଇଲ / ଆର୍ଟିକିଲ ଅଫ ଆସୋସିଏସନରେ ଉଲ୍ଲେଖ କରାଯିବା ଉଚିତ ।
- ଆମର କୃଷକ ଉତ୍ପାଦକ ସଙ୍ଗଠନ ଆଇନଗତ ଆବଶ୍ୟକତା ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ରିଟର୍ଣ୍ଣ ଦାଖଲ କରିବା ଉଚିତ । ବୈଠକରେ ଆଲୋଚିତ ସବିଶେଷ ବିବରଣୀ ଏଜିଏମର ମିନିଟ / ବିବରଣୀ ପ୍ରସ୍ତୁତ ହୋଇ ସମସ୍ତ ସଦସ୍ୟ ଏବଂ ଆମନ୍ତ୍ରଣକାରୀଙ୍କ ନିକଟକୁ ପଠାଯିବା ଉଚିତ । ନିମ୍ନଲିଖିତ ଦଲିଲ / ବିବରଣୀଗୁଡିକ ଏଜିଏମର ୩୦ ଦିନ ମଧ୍ୟରେ ସମ୍ପୃକ୍ତ ଆଇନଗତ ପ୍ରାଧିକରଣ ପାଖରେ ଦାଖଲ କରାଯାଏ । ସେଗୁଡିକ ହେଉଛି-
  - ବାର୍ଷିକ ବିବରଣୀ
  - ଅଡିଟ ହୋଇଥିବା ବାର୍ଷିକ ହିସାବ ସହିତ ଅଡିଟରଙ୍କ ବିବରଣୀ ଓ ଟିପ୍ପଣୀ
  - ବର୍ଷ ଶେଷରେ ରୋଲ (ଉପସ୍ଥାନ) ରେ ଥିବା ସଦସ୍ୟଙ୍କ ତାଲିକା ଏବଂ ସଦସ୍ୟମାନଙ୍କୁ ପ୍ରଦାନ କରାଯାଉଥିବା ସେବାଗୁଡିକର ବିବରଣୀ (ସମବାୟ ଆଇନ ଅନୁସାରେ ପଞ୍ଜିକୃତ ଅନୁଷ୍ଠାନ ଦ୍ୱାରା)
  - ବଳକା ଅର୍ଥ ବଣ୍ଟନ କିମ୍ବା ଅବନତି (ମୂଲ୍ୟହ୍ରାସ) ବଣ୍ଟନ ଉପରେ ବ୍ୟାଖ୍ୟା (ସମବାୟ ଆଇନ ଅନୁସାରେ ପଞ୍ଜିକୃତ ଅନୁଷ୍ଠାନ ଦ୍ୱାରା)
  - ବୋର୍ଡର ନିର୍ଦ୍ଦେଶକମାନଙ୍କର ନାମ, ସେମାନଙ୍କର ଠିକଣା ଏବଂ କାର୍ଯ୍ୟକାଳ

କୃଷକ ଉତ୍ପାଦକ ସଙ୍ଗଠନର ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ପାଇଁ ନିମ୍ନରେ ଦିଆଯାଇଥିବା ବିଷୟ ଅନୁସାରେ ଆମକୁ କାର୍ଯ୍ୟ କରିବାକୁ ପଡିବ।

- ଆଭ୍ୟନ୍ତରୀଣ ଅଡିଟ ମାଧ୍ୟମରେ ଆମ ଅନୁଷ୍ଠାନଗୁଡିକର ଆର୍ଥିକ ସ୍ଥିତିକୁ ବୁଝିବା
- ଆମେ ସଠିକ ଭାବରେ ଖାତାପତ୍ର ଲେଖିବାର ଗୁରୁତ୍ୱକୁ ବୁଝିବା
- ବୋର୍ଡ ମେମ୍ବର ହିସାବରେ, ଅନୁଷ୍ଠାନର ପାଣ୍ଠିକୁ ଜଗିବା ଉଚିତ, ଯେହେତୁ ଆମେ ପାଣ୍ଠିର ସୁରକ୍ଷିତ ଏବଂ ସଂରକ୍ଷଣ ପାଇଁ ଦାୟୀ
- ନଗଦ ଟଙ୍କାର କାରବାରକୁ କମ କରନ୍ତୁ ଏବଂ
- ସମସ୍ତ କାର୍ଯ୍ୟ ଏବଂ ଅର୍ଥ କାରବାରରେ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରନ୍ତୁ।

**ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ପାଇଁ / ଯାଞ୍ଚକରିବା (ପରଖିବା) ପାଇଁ ପ୍ରଶ୍ନାବଳୀ**

ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱକୁ ଯାଞ୍ଚ କରିବା ପାଇଁ ନିମ୍ନଲିଖିତ ପ୍ରଶ୍ନଗୁଡିକ ସାଙ୍କେତିକ ଅଟେ। ଏହି ଯାଞ୍ଚ ତାଲିକା ଉପରେ ଆଧାରକରି ଆସନ୍ତୁ ଆମର କୃଷକ ଉତ୍ପାଦକ ସଙ୍ଗଠନକୁ ମୂଲ୍ୟାୟନ କରିବା ।

୧. କୃଷକ ଉତ୍ପାଦକ ସଙ୍ଗଠନର ସଦସ୍ୟ କାରବାର ସମାପ୍ତ ହେବା ମାତ୍ରେ କାରବାରର ସବିଶେଷ ତଥ୍ୟ ନିର୍ଦ୍ଦିଷ୍ଟ କରୁଥିବା ଏକ ରସିଦ୍ ପାଇଥାନ୍ତି କି ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୨. କୃଷକ ଉତ୍ପାଦକ ସଙ୍ଗଠନ ସହିତ ସଦସ୍ୟମାନେ ବାର୍ଷିକ କରିଥିବା ମୋଟ କାରବାର ସମ୍ବନ୍ଧରେ ସେମାନଙ୍କୁ ଜଣାଇବା ପାଇଁ କିଛି ଉପାୟ ବା ବ୍ୟବସ୍ଥା ଅଛି କି ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୩. କୃଷିଜାତ ଦ୍ରବ୍ୟର ଗୁଣବତ୍ତା ଆଧାରରେ ଭିନ୍ନଭିନ୍ନ ମୂଲ୍ୟଦେଇ ଦ୍ରବ୍ୟ କିଣାଯିବା ପାଇଁ କିଛି ସ୍ପଷ୍ଟ ନିର୍ଦ୍ଧାରିତ ମାନଦଣ୍ଡ ଅଛି କି ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୪. ସେବାଗୁଡିକର ମୂଲ୍ୟ ନିର୍ଦ୍ଧାରଣ ପ୍ରଣାଳୀକୁ ପ୍ରଶ୍ନ ପଚାରିବା ଏବଂ ବୁଝିବା ପାଇଁ ସଦସ୍ୟମାନଙ୍କ ପାଇଁ ସୁଯୋଗ ଅଛି କି ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୫. ପୂର୍ବ ନିର୍ଦ୍ଧାରିତ ସର୍ତ୍ତ ଯଥା; ସ୍ଥାନ, ସମୟ ଓ କୋରମ୍ ଆଧାରରେ ସଭାସମୂହ ଓ ନିଷ୍ପତ୍ତିଗ୍ରହଣ ପ୍ରକ୍ରିୟା ହୋଇଥାଏ କି ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୬. ପ୍ରତ୍ୟେକ ସଦସ୍ୟ ବାର୍ଷିକ ବିବରଣୀ ଏବଂ ଅଗ୍ରଗତି ବିବରଣୀର ଏକ ନକଲ ପାଇଥାଆନ୍ତି କି ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୭. ପ୍ରଚଳିତ ପ୍ରକ୍ରିୟା, ହିସାବନିକାଶ ଏବଂ ସଭ୍ୟ ଓ ନିର୍ଦ୍ଦେଶକମାନଙ୍କର ଦେଣନେଣ / କାରବାର ସବୁ ସାଧାରଣ ସଦସ୍ୟମାନଙ୍କ ଦ୍ୱାରା ନିୟମିତ ଭାବେ ଏକ ଦୃଢ ଆଭ୍ୟନ୍ତରୀଣ ସମୀକ୍ଷା କରିବାର ବ୍ୟବସ୍ଥା ଅଛି କି ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୮. ନିର୍ବାଚନ ପ୍ରକ୍ରିୟା ଭାବରେ ଯୋଗ୍ୟତା, ନାମାଙ୍କନ, ପ୍ରତିଯୋଗିତା ଏବଂ ଗୁପ୍ତ ମତଦାନ ଅଛି କି ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୯. ବୋର୍ଡର ସଦସ୍ୟ ଏବଂ କର୍ମଚାରୀଙ୍କ କାର୍ଯ୍ୟ ସମ୍ପାଦନର ଏକ ମୂଲ୍ୟାୟନ ବ୍ୟବସ୍ଥା ଅଛି କି ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୧୦. ଜଣେ ସଂପୃକ୍ତ ଦାବୀଦାର କୃଷକ ଉତ୍ପାଦକ ସଙ୍ଗଠନର ହିସାବ ନଥିପତ୍ର ଓ ଆର୍ଥିକ ଦେଣନେଣ ଦେଖିବା ନିମନ୍ତେ ଉପଲବ୍ଧ କି ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୧୧. କୃଷକ ଉତ୍ପାଦକ ସଙ୍ଗଠନ ସହିତ ବୋର୍ଡ ସଦସ୍ୟଙ୍କ କାରବାର ପୃଥକ ଭାବରେ ଲେଖା ହେଉଛି କି ଏବଂ ସଂପୃକ୍ତ ଦାବୀଦାରଙ୍କ ସୂଚନା ପାଇଁ ଉପଲବ୍ଧ କରାଯାଉଛି କି ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୧୨. ବାର୍ଷିକ ବିବରଣୀ କିଛି ଗୁରୁତ୍ୱପୂର୍ଣ୍ଣ ବାହ୍ୟ ସହାୟତା ପ୍ରଦାନକାରୀ ସଂସ୍ଥା ଯଥା; ବ୍ୟାଙ୍କ, ଆଇନ କର୍ତ୍ତୃପକ୍ଷ ଇତ୍ୟାଦିଙ୍କୁ ଦିଆଯାଇଛି କି ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..



# ୭

# କୃଷକ ଉତ୍ପାଦକ ସଙ୍ଗଠନରେ ଉତ୍ତମ ଶାସନବ୍ୟବସ୍ଥାର ଅଭ୍ୟାସସମୂହ

## ଅଧିବେଶନ ଉଦ୍ଦେଶ୍ୟ



**ଉତ୍ତମ ଶାସନବ୍ୟବସ୍ଥାର ଗୁରୁତ୍ୱକୁ ପ୍ରଶଂସା କରିବା ଏବଂ କୃଷକ ଉତ୍ପାଦକ ସଙ୍ଗଠନରେ ବିଭିନ୍ନ ଉତ୍ତମ ଶାସନବ୍ୟବସ୍ଥାର ଅଭ୍ୟାସ ସମ୍ବନ୍ଧରେ ଜାଣିବା ।**

**ବିଷୟବସ୍ତୁ**

୧. ଉତ୍ତମ ଶାସନର ବୈଶିଷ୍ଟସମୂହ୍ୟ

୨. କୃଷକ ଉତ୍ପାଦକ ସଙ୍ଗଠନରେ ଉତ୍ତମ ଶାସନର ଅଭ୍ୟାସସମୂହ

୩. ନିର୍ଦ୍ଦେଶକମାନଙ୍କ ନିମନ୍ତେ ଆତ୍ମ-ମୂଲ୍ୟାୟନ

**ଚିନ୍ତନ ନିମନ୍ତେ ପ୍ରଶ୍ନ: କୃଷକ ଉତ୍ପାଦକ ସଙ୍ଗଠନର ବୋର୍ଡର ମୂଳ କାର୍ଯ୍ୟ କ'ଣ ?**

ଉତ୍ତର, ନିଶ୍ଚିତଭାବରେ, ଶାସନ ବ୍ୟବସ୍ଥା ଯଥା; କୃଷକ ଉତ୍ପାଦକ ସଙ୍ଗଠନର ପ୍ରଭାବୀ କାର୍ଯ୍ୟ ସମ୍ପାଦନ ପାଇଁ ନିୟମ, ନୀତିସମୂହ ଏବଂ ସେଗୁଡିକର କାର୍ଯ୍ୟକାରୀ କରିବା । ଏହାକୁ ବୁଝିବା ପାଇଁ ଆସନ୍ତୁ ଦୁଇଟି କୃଷକ ଉତ୍ପାଦକ ସଙ୍ଗଠନର କାର୍ଯ୍ୟଧାରାକୁ ଅବଲୋକନ କରିବା ।

| କୃଷକ ଉତ୍ପାଦକ ସଙ୍ଗଠନ - ୧ | କୃଷକଉତ୍ପାଦକସଙ୍ଗଠନ-୨ |
|---|---|
| ଏହି କୃଷକ ଉତ୍ପାଦକ ସଙ୍ଗଠନରେ ବୋର୍ଡ / ସଦସ୍ୟମାନଙ୍କ ଆବଶ୍ୟକତା ପ୍ରତି ସମ୍ବେଦନଶୀଳ ଏବଂ ସଦସ୍ୟମାନଙ୍କୁ ଉପଯୁକ୍ତ ଆବଶ୍ୟକୀୟ ସେବା ପ୍ରଦାନ ନିଶ୍ଚିତ କରିଥାଏ ।<br>ସେମାନେ ତାଙ୍କର କାର୍ଯ୍ୟପ୍ରଣାଳୀରେ ଆବଶ୍ୟକୀୟ ବ୍ୟବସ୍ଥା ସବୁ ନିଶ୍ଚିତ କରିଛନ୍ତି ଯଥା; ହିସାବ ଓ ନଥିପତ୍ର ଲିଖନ, ଗୁଣବତ୍ତା ନିୟନ୍ତ୍ରଣ, ତଦାରଖ ଇତ୍ୟାଦି ଓ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ନିଶ୍ଚିତ କରନ୍ତି । | ଏହି କୃଷକ ଉତ୍ପାଦକ ସଙ୍ଗଠନକୁ ବୋର୍ଡ ଯଥେଷ୍ଟ ପ୍ରତିନିଧିତ୍ୱ କରନ୍ତି ନାହିଁ । ସେମାନଙ୍କ ମତରେ ଉପଯୁକ୍ତ ବ୍ୟବସ୍ଥା ନଥିବାରୁ, ବୋର୍ଡ ଦ୍ୱାରା ସଠିକ୍ ଭାବରେ ତଦାରଖ କରାଯାଉ ନଥିବାରୁ ପାଣ୍ଠିର ଅପବ୍ୟବହାର ହେଉଅଛି । ବୋର୍ଡ ବୈଠକ, ଏଜିଏମ୍, ଅଡିଟ୍ ଏବଂ ରିଟର୍ଣ୍ଣ ଦାଖଲ ଗୁଡିକ ନିୟମିତ ଭାବରେ କରାଯାଉନାହିଁ । |

ଉପରୋକ୍ତ ଦୁଇଟି କୃଷକ ଉତ୍ପାଦକ ସଙ୍ଗଠନର ତୁଳନାତ୍ମକ ବିଶ୍ଳେଷଣ ଦ୍ୱାରା, କେଉଁ ଗୋଟିଏ ଉତ୍ତମ ରୂପେ ଶାସିତ, ତେଣୁ ଭଲ କାର୍ଯ୍ୟ କରେ ? ଉପରୋକ୍ତ ବିଶ୍ଳେଷଣରୁ ଏହା ସ୍ପଷ୍ଟ ହୋଇଛି ଯେ ଉତ୍ତମ ଶାସନ ହେଉଛି ପ୍ରଭାବୀ ପରିଚାଳନା ଓ କୃଷକ ଉତ୍ପାଦକ ସଙ୍ଗଠନରେ କାର୍ଯ୍ୟ ସମ୍ପାଦନର ଚାବିକାଠି । ତେଣୁ ଉତ୍ତମ ଶାସନକୁ ସୁନିଶ୍ଚିତ କରିବା ନିମନ୍ତେ, ଆସନ୍ତୁ ଉତ୍ତମ ଶାସନର ବିଭିନ୍ନ ବୈଶିଷ୍ଟ୍ୟ ବିଷୟରେ ଜାଣିବା–

## ଉତ୍ତମ ଶାସନର କେତୋଟି ମୁଖ୍ୟ ବୈଶିଷ୍ଟ୍ୟ

ଉତ୍ତମ ଶାସନର ବିଭିନ୍ନ ବୈଶିଷ୍ଟ୍ୟ ସବୁ ନିମ୍ନରେ ଉଲ୍ଲେଖ କରାଯାଇଛି ।



ଏହା ସ୍ପଷ୍ଟ ଯେ ଯେକୌଣସି କୃଷକ ଉତ୍ପାଦକ ସଙ୍ଗଠନ ଆଇନର ଅନୁପାଳନ କରିବାକୁ ହେବ। ତାଙ୍କର କୃଷକ ଉତ୍ପାଦକ ସଙ୍ଗଠନ ଭଲଭାବେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ବୋର୍ଡ ବା ପରିଷଦକୁ ବଳିଷ୍ଠ ଆନୁଷ୍ଠାନିକ ବ୍ୟବସ୍ଥା ଓ ନୀତିସମୂହ ପ୍ରସ୍ତୁତ କରିବାକୁ ହେବ। ବୋର୍ଡ ସମସ୍ତ ସଭ୍ୟମାନଙ୍କର ଆଗ୍ରହକୁ ନେଇ ମିଳିତ କାର୍ଯ୍ୟ କରିବେ, ସଦସ୍ୟ ଓ ଅନ୍ୟ ଦାବୀଦାରଙ୍କ ପ୍ରତି ଉତ୍ତରଦାୟୀ ରହିବେ। ଉତ୍ତମ ଶାସନ ନିଶ୍ଚିତ କରେ କି ଅନୁଷ୍ଠାନର ଉଦ୍ଦେଶ୍ୟକୁ ନେଇ କାମ କରିବା ସହିତ ଦୀର୍ଘମିଆଦି ମିଶନ ଓ ମିଶନର ସଫଳତା ପାଇଁ, ସ୍ପଷ୍ଟ ରଣନୀତି ଏବଂ କାର୍ଯ୍ୟକ୍ରମକୁ ନେଇ କାର୍ଯ୍ୟ କରିଥାଏ।

## ଉତ୍ତମ ଶାସନର ଅଭ୍ୟାସସମୂହ

କୃଷକ ଉତ୍ପାଦକ ସଙ୍ଗଠନ ନିମନ୍ତେ ଏହି ବୈଶିଷ୍ଟ୍ୟଗୁଡିକ ସୁନିଶ୍ଚିତ କରିବା ପାଇଁ ଏବଂ ଉତ୍ତମ ଶାସନର ବିଭିନ୍ନ ଅଭ୍ୟାସ ସବୁ ନିମ୍ନରେ ପ୍ରଦାନ କରାଗଲା। କହିବାକୁ ଗଲେ ଏହା ବର୍ତ୍ତମାନ ସୁଦ୍ଧା ହୋଇଥିବା ଏହି ମଡ୍ୟୁଲର ଅଧିବେଶନସମୂହର ସାରାଂଶ ଅଟେ।

**କୃଷକ ଉତ୍ପାଦକ ସଙ୍ଗଠନରେ ଉତ୍ତମ ଶାସନର ଅଭ୍ୟାସସମୂହ**

| | |
|---|---|
| ନିୟମ କାନୁନର ଅନୁପାଳନ | • ସମସ୍ତଙ୍କୁ ଏବଂ ସଠିକ ସମୟରେ<br>• ପଞ୍ଜୀକୃତ ଆଇନ ଅନ୍ତର୍ଗତ ଏବଂ କୃଷକ ଉତ୍ପାଦକ ସଙ୍ଗଠନର କାର୍ଯ୍ୟକଳାପ ସହ ସମ୍ପୃକ୍ତ ଅନ୍ୟ ଆଇନସମୂହ ମଧ୍ୟ<br>• ଆବଶ୍ୟକୀୟ ଆଇନଗତ ଲାଇସେନ୍ସ / ପରମିଟ୍ |
| ସଂପୂର୍ଣ୍ଣ ଉଦ୍ଦେଶ୍ୟ ଭିତ୍ତିକ | • ଲକ୍ଷ୍ୟ ଏବଂ ରଣନୀତି<br>• ସଦସ୍ୟମାନଙ୍କର ଆଗ୍ରହ<br>• କୃଷକ ଉତ୍ପାଦକ ସଙ୍ଗଠନର ସାଧ୍ୟତା ଏବଂ ସ୍ଥାୟିତ୍ୱ |
| ବୋର୍ଡ ଏବଂ ସାଧାରଣ ପରିଷଦର ବୈଠକ | • ନିୟମିତ<br>• ଅଂଶଗ୍ରହଣ<br>• ବୈଠକର ନିଷ୍ପତ୍ତି ଅନୁସାରେ କାର୍ଯ୍ୟ କରିବା |
| ନିଷ୍ପତ୍ତି ଗ୍ରହଣ | • ସମୟ ଅନୁସାରେ କାର୍ଯ୍ୟ କରିବା<br>• ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅଂଶଗ୍ରହଣ<br>• ଆଭ୍ୟନ୍ତରୀଣ ନିୟନ୍ତ୍ରଣ |
| ଅଡିଟ / ସମୀକ୍ଷା | • ନିୟମିତ<br>• ଅଡିଟର ପ୍ରସ୍ତାବ ଅନୁସାରେ କାର୍ଯ୍ୟ କରିବା |
| ବିବରଣୀ ପ୍ରଦାନ | • ସ୍ୱଚ୍ଛତା<br>• ଉତ୍ତରଦାୟିତ୍ୱ |
| ବ୍ୟବସ୍ଥା ଓ ନୀତିସମୂହ | • ବଳିଷ୍ଠ ବ୍ୟବସ୍ଥା ଓ ନୀତିସମୂହର କାର୍ଯ୍ୟକାରୀତା |

**ଅଭ୍ୟାସ–** ଆପଣଙ୍କର କୃଷକ ଉତ୍ପାଦକ ସଙ୍ଗଠନ କେତେ ମାତ୍ରାରେ ଉତ୍ତମ ଶାସନ ବ୍ୟବସ୍ଥାସମୂହକୁ ପାଳନ କରୁଅଛି, ସେ ବିଷୟରେ ଦୟାକରି ଆଲୋଚନା କରନ୍ତୁ।

## ଅଭ୍ୟାସ- ନିର୍ଦ୍ଦେଶକମାନଙ୍କର ଆତ୍ମ-ମୂଲ୍ୟାୟନ

ନିର୍ଦ୍ଦେଶକଙ୍କ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଆବଶ୍ୟକ ସମସ୍ତ ପ୍ରମୁଖ ଗୁଣ ଏବଂ କୌଶଳ ଥିବା ବ୍ୟକ୍ତିଙ୍କୁ ପାଇବା କଷ୍ଟକର । ତଥାପି ସେମାନେ ଅତି ପ୍ରଭାବୀ ଢଙ୍ଗରେ ସେମାନଙ୍କର ଭୂମିକା ନିର୍ବାହ କରିବା ପାଇଁ, ସେମାନଙ୍କର ଦକ୍ଷତା ବଢାଇବାକୁ ଆବଶ୍ୟକ ହୋଇପାରେ। ସେମାନଙ୍କ କୃଷକ ଉତ୍ପାଦକ ସଙ୍ଗଠନର ପ୍ରଭାବୀ ଶାସନ ପାଇଁ ନିର୍ଦ୍ଦେଶକମାନଙ୍କର ବିଶେଷ ଗୁଣସବୁ ନିମ୍ନରେ ଦିଆଯାଇଛି । ପ୍ରତ୍ୟେକ ନିର୍ଦ୍ଦେଶକ ଦିଆଯାଇଥିବା ମାପକାଠି ଅନୁସାରେ ଏହି ଗୁଣସବୁ ଉପରେ ନିଜକୁ ମୂଲ୍ୟାୟନ କରିବେ ।

Y- ହଁ, ଏହା ଗୋଟିଏ ସମସ୍ୟା ନୁହେଁ।

U- ମୁଁ ଏ ବିଷୟରେ ଅନିଶ୍ଚିତତା ଅନୁଭବ କରୁଛି ଏବଂ ଏହା ଉପରେ କିଛି ଉନ୍ନତି ଅଥବା ତାଲିମର ଆବଶ୍ୟକତା ରହିଛି ।

N- ନା, ମୁଁ ନିଶ୍ଚିତ ଭାବରେ ଏହା ଉପରେ ଉନ୍ନତି ଓ ତାଲିମର ଆବଶ୍ୟକ କରେ ।

ତେଣୁ, ନିଜକୁ ମୂଲ୍ୟାୟନ କରିବା ପାଇଁ ଆମେ ପ୍ରସ୍ତୁତ ଅଛୁ କି !

| କ୍ର. ସଂ | ବିଶେଷ ଗୁଣସମୂହ | ଯେକୌଣସି ଗୋଟିକରେ ଗୋଲ ବୁଲାଅ | | |
|---|---|---|---|---|
| ୧ | ଜଣେ ନିର୍ଦ୍ଦେଶକ ହିସାବରେ ସମ୍ଭାବ୍ୟ ଦାୟିତ୍ୱ ସହ ମୋର ଭୂମିକା ଓ ଦାୟିତ୍ୱକୁ ସଂପୂର୍ଣ୍ଣ ଭାବରେ ବୁଝିପାରୁଛି । | Y | U | N |
| ୨ | ମୁଁ ଅନୁଭବ କରୁଛି, ନିର୍ଦ୍ଦେଶକ ହିସାବରେ ଭୂମିକା ଓ ଦାୟିତ୍ୱ ପୂରଣ କରିବା ପାଇଁ ଯୋଗ୍ୟ ଅଟେ। | Y | U | N |
| ୩ | ସଦସ୍ୟମାନଙ୍କର ସାମୂହିକ ଆବଶ୍ୟକତାକୁ ବୁଝି ପାରୁଛି ଏବଂ ସେମାନଙ୍କର ଆବଶ୍ୟକତାକୁ ପୂରଣ କରିବାକୁ ମୁଁ ପ୍ରସ୍ତୁତ ଅଟେ। | Y | U | N |
| ୪ | ମୁଁ ବୋର୍ଡ ବୈଠକରେ ନିୟମିତଭାବେ ଯୋଗଦେବା ପାଇଁ ସକ୍ଷମ ଅଟେ। | Y | U | N |
| ୫ | ବୋର୍ଡ ବୈଠକରେ ସକ୍ରିୟଭାବରେ ନିଷ୍ପତ୍ତି ଗ୍ରହଣ କରିବାରେ ଭାଗ ନେଇଥାଏ। | Y | U | N |
| ୬ | ମୋ କୃଷକ ଉତ୍ପାଦକ ସଙ୍ଗଠନର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ପ୍ରମୁଖ ରଣନୀତି ବିଷୟରେ ଅବଗତ ଅଛି। | Y | U | N |
| ୭ | ମୋ କୃଷକ ଉତ୍ପାଦକ ସଙ୍ଗଠନରେ ଯେତେବେଳେ ଆବଶ୍ୟକ ପଡେ, ମୁଁ ଦ୍ୱନ୍ଦ୍ୱ ସମାଧାନରେ ସହଯୋଗ କରିବାକୁ ସକ୍ଷମ ଅଟେ। | Y | U | N |
| ୮ | ମୋର କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ସମ୍ବଳ (ଅର୍ଥ, ବୈଷୟିକ, ବଜାର) ସଂଗ୍ରହରେ ସହଯୋଗ କରିବାକୁ ସମର୍ଥ। | Y | U | N |
| ୯ | ବୋର୍ଡ ନ୍ୟସ୍ତ କରିଥିବା କୌଣସି ନିର୍ଦ୍ଦିଷ୍ଟ କାମ କରିବା ପାଇଁ ମୁଁ ସକ୍ଷମ। | Y | U | N |
| ୧୦ | ମୋ ବାଇଲରେ ଧାର୍ଯ୍ୟ ହୋଇଥିବା ମାନଦଣ୍ଡ ଅନୁଯାୟୀ ବୋର୍ଡର ସଦସ୍ୟ ହିସାବରେ ପୁନର୍ବାର ରହିବା ପାଇଁ ମୁଁ ସକ୍ଷମ ଅଟେ। | Y | U | N |

| କ୍ର. ସଂ | ବିଶେଷ ଗୁଣସମୂହ | ଯେକୌଣସି ଗୋଟିକରେ ଗୋଲ ବୁଲାଅ | | |
|---|---|---|---|---|
| ୧୧ | ମୋ କୃଷକ ଉତ୍ପାଦକ ସଙ୍ଗଠନର ସର୍ବଶେଷ କାର୍ଯ୍ୟକ୍ରମ ଓ ଅଗ୍ରଗତି ବିଷୟରେ | Y | U | N |
| ୧୨ | ମୋ କୃଷକ ଉତ୍ପାଦକ ସଙ୍ଗଠନରେ ସକ୍ରିୟଭାବରେ ଯୋଗଦାନ କରି ସଙ୍ଗଠନର ନୀତି ଏବଂ ଯୋଜନା ପ୍ରସ୍ତୁତ କରିବା ପାଇଁ ସକ୍ଷମ ଅଟେ। | Y | U | N |
| ୧୩ | ମୋ କୃଷକ ଉତ୍ପାଦକ ସଙ୍ଗଠନରେ କର୍ମଚାରୀମାନଙ୍କର କାମକୁ ପ୍ରଭାବୀ ଢଙ୍ଗରେ ସମୀକ୍ଷା କରିବା ପାଇଁ ସକ୍ଷମ ଅଟେ। | Y | U | N |
| ୧୪ | ବୋର୍ଡ ସଦସ୍ୟଙ୍କ ଦାୟିତ୍ୱ ତୁଲାଇବାକୁ ଆବଶ୍ୟକ ସମୟ ଦେବାପାଇଁ ପ୍ରସ୍ତୁତ। | Y | U | N |
| ୧୫ | ମୋର କୃଷକ ଉତ୍ପାଦକ ସଙ୍ଗଠନକୁ ଯେ କୌଣସି ଫୋରମ କିମ୍ବା ଫେଡେରେସନରେ, ପ୍ରତିନିଧିତ୍ୱ କରିବା ପାଇଁ ସକ୍ଷମ। | Y | U | N |
| ୧୬ | ମୋ କୃଷକ ଉତ୍ପାଦକ ସଙ୍ଗଠନର ଆର୍ଥିକ କାରବାର ବିଷୟରେ ମୁଁ ଅବଗତ ଏବଂ ଆମର ଆର୍ଥିକ କାରବାରରେ ସାଧୁତାରେ ମୋର ବିଶ୍ୱାସ ଅଛି। | Y | U | N |
| ୧୭ | ମୋ କୃଷକ ଉତ୍ପାଦକ ସଙ୍ଗଠନରେ ଆଇନଗତ ଅନୁପାଳନକୁ ଅନୁସରଣ ନ କରିବାର ପରିଣାମ ବିଷୟରେ ମୁଁ ଜାଣିଛି। | Y | U | N |

Y – ମୂଲ୍ୟାୟନ ପାଇଥିବା ବିଷୟଗୁଡିକ ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...

U – ମୂଲ୍ୟାୟନ ପାଇଥିବା ବିଷୟଗୁଡିକ ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...

N – ମୂଲ୍ୟାୟନ ପାଇଥିବା ବିଷୟଗୁଡିକ ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...

କେଉଁ ବିଷୟଗୁଡିକ / କ୍ଷେତ୍ରଗୁଡିକ ଚିହ୍ନଟ କରନ୍ତୁ ଯେଉଁଥିରେ ଆପଣ ଅନୁଭବ କରୁଛନ୍ତି ଯେ ଆପଣଙ୍କୁ ଅଧିକ ପ୍ରଶିକ୍ଷଣ ବା ଉନ୍ନତି ଆବଶ୍ୟକ ଅଛି।

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

# କାର୍ଯ୍ୟକ୍ରମର ଶେଷ ମୂଲ୍ୟାୟନ

ବର୍ତ୍ତମାନ, ଆମେ ଶାସନ ବ୍ୟବସ୍ଥା ପେଟିକାର ଶେଷ ପର୍ଯ୍ୟାୟରେ ଉପନୀତ ହୋଇଛେ। ଦୟାକରି ଏହି ଶିକ୍ଷଣ ପେଟିକାକୁ ମନେପକାନ୍ତୁ ଯେ, ପେଟିକାର ପ୍ରାରମ୍ଭରେ ଆମେ ପ୍ରାରମ୍ଭିକ ମୂଲ୍ୟାୟନ କରିବା ସମୟରେ ଶାସନ ବ୍ୟବସ୍ଥା ଉପରେ କିଛି ମୌଳିକ ପ୍ରଶ୍ନର ଭଲ ଉତ୍ତର ଦେଇଥିଲେ।

ବର୍ତ୍ତମାନ, ଆମେ ଏହି "ସ୍ୱଶାସନ ବ୍ୟବସ୍ଥା" ପେଟିକାରୁ କ'ଣ ସବୁ ଜାଣିଲେ ତାହାର ମୂଲ୍ୟାୟନ ପାଇଁ ଏକ ଶେଷ ମୂଲ୍ୟାୟନ ଦିଆଯାଇଛି। ତେଣୁ, ଏହି "ସ୍ୱଶାସନ ବ୍ୟବସ୍ଥା" ପେଟିକାରୁ ଆମେ କ'ଣ ସବୁ ଜାଣିଲେ ସେହି ଆଧାରରେ ଆଉ କେତୋଟି ପ୍ରଶ୍ନର ଉତ୍ତର ଦେବା ।

୧. ଆପଣଙ୍କର ବାର୍ଷିକ ସାଧାରଣ ପରିଷଦ ସଭା, ଆଇନମତେ ନିର୍ଦ୍ଧାରିତ ପ୍ରକ୍ରିୟା ଏବଂ ମାନାଙ୍କ ଅନୁଯାୟୀ, କରା ହେଉଛି କି ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୨. କେଉଁ ପରିସ୍ଥିତିରେ କୃଷକ ଉତ୍ପାଦକ ସଙ୍ଗଠନରେ ନିର୍ଦ୍ଦେଶକଙ୍କୁ ଅପସାରଣ କରାଯାଇପାରିବ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୩. ସ୍ୱାଧୀନ ନିର୍ଦ୍ଦେଶକସମୂହ ରହିବାର ଲାଭ ସବୁ କ'ଣ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୪. କୃଷକ ଉତ୍ପାଦକ ସଙ୍ଗଠନରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ କେତେ ଗୁରୁତ୍ୱପୂର୍ଣ୍ଣ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୫. ଆପଣଙ୍କର କୃଷକ ଉତ୍ପାଦକ ସଙ୍ଗଠନ କେତେ ପରିମାଣରେ ଭଲ ଭାବରେ ଶାସିତ ହେଉଛି ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

# କୃଷକ ଉତ୍ପାଦକ ସଙ୍ଗଠନର ସ୍ୱଶାସନ ବ୍ୟବସ୍ଥା ମଡ୍ୟୁଲରୁ କେତୋଟି ପ୍ରମୁଖ କାର୍ଯ୍ୟଖସଡା

କୃଷକ ଉତ୍ପାଦକ ସଙ୍ଗଠନର ସ୍ୱଶାସନ ବ୍ୟବସ୍ଥା ପେଟିକାରୁ ତୁମର କୃଷକ ଉତ୍ପାଦକ ସଙ୍ଗଠନ ପାଇଁ କେତୋଟି ପ୍ରମୁଖ କାର୍ଯ୍ୟଖସଡା ହୋଇପାରେ ତାହାର ତାଲିକା କରନ୍ତୁ ।

# ଟିପ୍ପଣୀ

# କୃଷକ ଉତ୍ପାଦକ ସଙ୍ଗଠନର ଉତ୍ତମ ଶାସନ ଅଭ୍ୟାସ

### ସାମଗ୍ରିକ ଉଦ୍ଦେଶ୍ୟ ଅଭିମୁଖ୍ୟ



- ଲକ୍ଷ୍ୟ ଏବଂ ରଣନୀତି
- ସଦସ୍ୟମାନଙ୍କର ହିତସମୂହ
- କୃଷକ ଉତ୍ପାଦକ ସଙ୍ଗଠନର ସାଧ୍ୟତା ଓ ସ୍ଥାୟୀତ୍ୱ

### ବୋର୍ଡ ଓ ସାଧାରଣ ପରିଷଦ ବୈଠକସମୂହ




- ନିୟମିତ
- ଅଂଶଗ୍ରହଣ
- ବୈଠକର ନିଷ୍ପତ୍ତି ଅନୁସାରେ କାର୍ଯ୍ୟ କରିବା

### ନିଷ୍ପତ୍ତି ଗ୍ରହଣ



- ସମୟାନୁବର୍ତ୍ତୀତା
- ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅଂଶଗ୍ରହଣ
- ଆଭ୍ୟନ୍ତରୀଣ ନିୟନ୍ତ୍ରଣ

### ବ୍ୟବସ୍ଥା ଏବଂ ନୀତିସମୂହ



- ଦୃଢ ବ୍ୟବସ୍ଥା ଏବଂ ନୀତିସମୂହ ରହିବା

### ବିବରଣୀ ପ୍ରଦାନକରିବା



- ସ୍ୱଚ୍ଛତା
- ଉତ୍ତରଦାୟିତ୍ୱ

### ଅଡିଟ୍‌ସମୂହ



- ନିୟମିତ କରାଇବା
- ଅଡିଟ୍ ସୁପାରିଶ ଅନୁସାରେ ପଦକ୍ଷେପ ଗ୍ରହଣ କରିବା

### ଆଇନଭିତ୍ତିକ ନିୟମପାଳନ



- ସମସ୍ତ ଏବଂ ସବୁବେଳେ
- ଉତ୍ତମ କୃଷକ ଉତ୍ପାଦକ ସଙ୍ଗଠନର କାର୍ଯ୍ୟକଳାପସମୂହ
- ଆବଶ୍ୟକୀୟ ଆଇନଭିତ୍ତିକ ଲାଇସେନ୍ସ ଓ ପରମିଟ୍ ସମୂହ

cysd




## ଏପିମାସ୍ ସମ୍ପର୍କରେ

ଏପିମାସ୍ ଏକ ଅଣ-ଲାଭଦାୟକ ଜାତୀୟ ସ୍ତରୀୟ ସାଧନ ଅନୁଷ୍ଠାନ, ଯିଏ କି ଲୋକ ସଙ୍ଗଠନମାନଙ୍କର ସଶକ୍ତିକରଣ ପାଇଁ କାର୍ଯ୍ୟ କରେ। ସେଗୁଡିକ ହେଲା ମହିଳା ସ୍ୱୟଂ ସହାୟକ ଦଳ (ଏସଏଚଜି), ସ୍ୱୟଂ ସହାୟକ ଦଳର ସଂଘ, କୃଷକ ଉତ୍ପାଦକ ସଙ୍ଗଠନ ଏବଂ ଅନ୍ୟାନ୍ୟ ଗୋଷ୍ଠିଭିତ୍ତିକ ସଙ୍ଗଠନସମୂହ। ନିଜେ ନିଜକୁ ସହାୟତା, ସମୂହ ଲାଭ, ନିଜର ଦାୟିତ୍ୱବୋଧତା ଏବଂ ଆତ୍ମନିର୍ଭରଶୀଳତା ସଙ୍ଗଠନର ଉପଦେଷ୍ଟା ମୂଲ୍ୟବୋଧକୁ ବିଶ୍ୱାସ ଏବଂ ଅଭ୍ୟାସ କରେ।




## ପ୍ରେରଣା - କୃଷକ ଉତ୍ପାଦକ ସଙ୍ଗଠନର ସ୍ୱଶାସନ ବ୍ୟବସ୍ଥା

କୃଷକ ଉତ୍ପାଦକ ସଙ୍ଗଠନ ଇନକ୍ୟୁବେସନ କେନ୍ଦ୍ର ହେଉଛି ଏପିମାସ୍ ଦ୍ୱାରା ପ୍ରୋତ୍ସାହିତ ଏକ କୃଷକ ଉତ୍ପାଦକ ସଙ୍ଗଠନକୁ ଇନକ୍ୟୁବେସନ ଏବଂ ପୋଷଣ ସହାୟତା ଯୋଗାଇବା ପାଇଁ କୃଷକ ଉତ୍ପାଦକ ସଙ୍ଗଠନଗୁଡ଼ିକ ଏବଂ କୃଷକ ଉତ୍ପାଦକ ସଙ୍ଗଠନକୁ ପ୍ରୋତ୍ସାହନ ତଥା ସହାୟତା ସଂସ୍ଥାର ସହଭାଗିତାରେ ଏହି ସଂସ୍ଥାଗୁଡ଼ିକର ବିକାଶ ଏବଂ ସ୍ଥାୟୀ ଉଦ୍ୟୋଗରେ ବିକାଶ କରିବା। ଏହି ଅନୁଷ୍ଠାନ ଗୁଡିକର ବିକାଶ ତଥା ମଜବୁତ କରିବା ପାଇଁ ଯେପରିକି ଦର୍ଶନ, ଆଇନଗତ ନିୟମ, ପରିଚାଳନା, ଶାସନ ଏବଂ ଦକ୍ଷତା ବିକାଶ ଇତ୍ୟାଦି ସେବା ପ୍ରଦାନ କରିଥାଏ । ଏହା ବ୍ୟବସାୟିକ ବିକାଶ ସେବା ଯେପରିକି ବ୍ୟବସାୟ ଯୋଜନା, ଆର୍ଥିକ ସମନ୍ୱୟ, ବିପଣନ ଏବଂ କୃଷକ ଉତ୍ପାଦକ ସଙ୍ଗଠନର ବ୍ୟବସାୟରେ ସମ୍ଭାବନା ବିକାଶରେ ବୈଷୟିକ ସହାୟତା ପ୍ରଦାନ କରିଥାଏ।


ସହାୟତା

DGRV

ଅନୁବାଦ

cysd
Enable-Empower-Include

ପ୍ରକାଶନ

apmas